ODIA DAILY EDITION
20.04.2025
କଟକ, ରବିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଅପ୍ରେଲ-୨୦, ୨୦୨୫
ବର୍ଷ-୩୬, ସଂଖ୍ୟା-୨୮୨
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ଓଆଇଏସଏଫ୍‌ର ଆଉ ଏକ ବାଟାଲିଅନକୁ ମଞ୍ଜୁରୀ

### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

### ୧୦୪୦ ନୂତନ ପଦବୀ ସୃଷ୍ଟି ହେବ



ଭୁବନେଶ୍ୱର, ୧୯।୪: ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ର ଆଉ ଏକ ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ନୂତନ ବାଟାଲିଅନ ପାଇଁ ସମୁଦାୟ ୧୦୪୦ ଟି ପଦବୀ ମଧ ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଓଆଇଏସଏଫ୍ ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଅଛି। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭। ନୂଆ ବାଟାଲିଅନ ସୃଷ୍ଟି ହେବା ପରେ ଏଥିରେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରିବ। ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ହେବ।

ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି। ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆ ବାଟାଲିଅନ ଗଠନକୁ ମଞ୍ଜୁରୀ ଦେଇଛନ୍ତି।

## ବିଲ୍ଡିଂ ଭୁଶୁଡ଼ି ୧୧ରୁ ଅଧିକ ମୃତ

- ଦିଲ୍ଲୀରେ ବଡ଼ ଅଘଟଣ
- ମୃତକଙ୍କ ମଧ୍ୟରେ ଘର ମାଲିକ ଅନ୍ତର୍ଭୁକ୍ତ
- ଭଗ୍ନାବଶେଷ ତଳୁ ୨୨ ଜଣ ଉଦ୍ଧାର



ନୂଆଦିଲ୍ଲୀ, ୧୯।୪: ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳର ଶକ୍ତି ବିହାରରେ ଶନିବାର ପ୍ରତ୍ୟୁଷରେ ଏକ ଚାରି ମହଲା କୋଠା ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୨ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରାଯାଇଛି। କୋଠା ଭୁଶୁଡ଼ିବା ସମ୍ପର୍କରେ ଏକ ଭିଡିଓ ସାମ୍ନାକୁ ଆସିଛି। ଏହି ଘଟଣା ପରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ରହିଛି। ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମସିଡି ମେୟର ମହେଶ ଖିଚି ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁସ୍ତାଫାବାଦ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସ୍ଥାନୀୟ ବିଧାୟକ ମୋହନ ସିଂହ ବିଷ୍ଟ ଦିଲ୍ଲୀ ସରକାରଙ୍କଠାରୁ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି ଯେ ବିଧାନସଭାରେ ବେଆଇନ କୋଠା ପ୍ରସଙ୍ଗ ଅନେକ ଥର ଉଠାଯାଇଛି।

ସେ କହିଥିଲେ, 'ମୁଁ ନିର୍ବାଚନ ଜିତିବା ଦିନଠାରୁ, ମୋର ଏକମାତ୍ର ପ୍ରସଙ୍ଗ ହେଉଛି ବେଆଇନ କୋଠା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା। ଯଦି ଶହ ଶହ ଲୋକ ୨୫ କିମ୍ବା ୫୦ ଗଜର କୋଠାରେ ରହୁଛନ୍ତି, ତେବେ ଏକ ଦୁର୍ଘଟଣା ନିଶ୍ଚିତ ଭାବରେ ଘଟିବ। ମୁଁ ଏ ବିଷୟରେ ଦିଲ୍ଲୀର ଏଲଜି, କମିଶନର ଏବଂ ପୋଲିସ କମିଶନରଙ୍କ ସହ କଥା ହୋଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।'

## ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୧୯।୪: ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ଶନିବାର ଭୋର ସମୟରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ୭୦ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ବିଭିନ୍ନ ଆଂଚଳିକ ଓ ଜାତୀୟ ଗଣମାଧ୍ୟମର ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘ ୪ ଦଶନ୍ଧି ଧରି ସ୍ୱଚ୍ଛ ଓ ନିରପେକ୍ଷ ସାମ୍ବାଦିକତା କରିଥିଲେ ରତିକାନ୍ତ ମହାନ୍ତି। ତାଙ୍କ ବିୟୋଗରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ରତିକାନ୍ତଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ଭାଇ ଶୁଭକାନ୍ତ ମହାନ୍ତି ମୁଖାଗ୍ନି ଦେଇଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବରିଷ୍ଠ ସାମ୍ବାଦିକମାନେ ଖାରବେଳ ନଗରସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ୨୪ରେ ମିଳିବ ସୁଭଦ୍ରା ଟଙ୍କା

### ସୂଚନା ଦେଲେ ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୯।୪ : ୨୪ରେ ମିଳିବ ସୁଭଦ୍ରା ଷଷ୍ଠ ପର୍ଯ୍ୟାୟ ଟଙ୍କା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଯେଉଁମାନେ ଯୋଜନାର ଲାଭ ପାଇବା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଯିଏ ଯୋଗ୍ୟ ବିବେଚିତ ହେବେ ସେମାନେ ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପ୍ରଭାତୀଙ୍କ ଏହି ଘୋଷଣା ପରେ ଏବେ ପୁଣି ଥରେ ସୁଭଦ୍ରା ଆବେଦନକାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

ମାର୍ଚ୍ଚରେ ରାଜ୍ୟରେ ଅନେକ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ହେଲେ ଅନେକଙ୍କ କୌଣସି କାରଣ ବଶତଃ ଆକାଉଣ୍ଟକୁ ଟଙ୍କା ଆସିନଥିଲା। କିନ୍ତୁ ସେମାନେ ଏବେ ଆଦୌ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। କାରଣ ପୁଣି ଥରେ ଏହି ମାସରେ ସୁଭଦ୍ରା ଟଙ୍କା ଆକାଉଣ୍ଟକୁ ଆସିବାକୁ ଯାଉଛି। ସୂଚନା ଅନୁସାରେ, ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ଏପ୍ରିଲ ୨୪ରେ ପ୍ରଥମ କିସ୍ତିର ଷଷ୍ଠ ପର୍ଯ୍ୟାୟ ଟଙ୍କା ଦିଆଯିବ ବୋଲି କହିଛନ୍ତି ପ୍ରଭାତୀ। ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଭିତରୁ ଯେଉଁମାନେ ଯୋଗ୍ୟ, ସେମାନେ ପାଇବେ ବୋଲି ପ୍ରଭାତୀ ସ୍ପଷ୍ଟ କରିଛନ୍ତି।

## ପ୍ରକାଶ ପାଇଲା ଜେଇଇ ମେନ୍ ସେସନ୍-୨ ରେଜଲ୍ଟ

ଭୁବନେଶ୍ୱର, ୧୯।୪ : ପ୍ରକାଶ ପାଇଲା ଜେଇ ମେନ୍ ସେସନ୍-୨ର ପରୀକ୍ଷା ଫଳ। ଗତକାଲି ମଧ୍ୟରାତ୍ରିରେ ଜେଇ ପରୀକ୍ଷା ଫଳ ଘୋଷଣା କରିଛି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି। ଅଲ୍ ଇଣ୍ଡିଆ ରାଙ୍କ ଘୋଷଣା କରିଛି ଏନଟିଏ। ଅଲ୍ ଇଣ୍ଡିଆ ରାଙ୍କ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଓଡ଼ିଶା ଭୁବନେଶ୍ୱରର ଓମ ପ୍ରକାଶ ବେହେରା। ସେ ରାଜସ୍ଥାନ କୋଟାରେ କୋଚିଂ ନେଉଥିଲେ। ତେବେ ୨୪ ଜଣ ଛାତ୍ରଛାତ୍ରୀ ଶତ ପ୍ରତିଶତ ସ୍କୋର ପାଇଥିବା ଏନଟିଏ ଘୋଷଣା କରିଛି। ୨୪ ଜଣ ଟପରଙ୍କ ମଧ୍ୟରେ ରାଜସ୍ଥାନ, ମହାରାଷ୍ଟ୍ର, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଓ ପଶ୍ଚିମ ବଙ୍ଗର ଛାତ୍ର ଛାତ୍ର ରହିଛନ୍ତି।

## ନବମଥର ବିଜେଡି ସଭାପତି ହେଲେ ନବୀନ

### ଅଭିଭାଷଣ ରଖି ନବୀନ ପଟ୍ଟନାୟକ କହିଛନ୍ତି, ୨୦୦୦ରୁ ୨୦୨୪ ଥିଲା ଓଡ଼ିଶା ବିକାଶର ସୁବର୍ଣ୍ଣ ଯୁଗ।



ଭୁବନେଶ୍ୱର, ୧୯।୪: ନବମ ଥର ବିଜେଡି ସଭାପତି ହେଲେ ନବୀନ ପଟ୍ଟନାୟକ। ଏନେଇ ଘୋଷଣା କଲେ ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବ। ତେବେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ ନବୀନ ପଟ୍ଟନାୟକ। ଶଙ୍ଖ ଭବନରେ ବିଜେଡିର ସାଂଗଠନିକ ନିର୍ବାଚନ ଓ ରାଜ୍ୟ ପରିଷଦ ବୈଠକରେ ଏନେଇ ଘୋଷଣା ହୋଇଛି। ନବମ ଥର ପାଇଁ ଦଳର ସଭାପତି ହୋଇଛନ୍ତି ନବୀନ ପଟ୍ଟନାୟକ। ଅଭିଭାଷଣ ରଖି ନବୀନ ପଟ୍ଟନାୟକ କହଛନ୍ତି, ୨୦୦୦ରୁ ୨୦୨୪ ଥିଲା ଓଡ଼ିଶା ବିକାଶର ସୁବର୍ଣ୍ଣ ଯୁଗ। ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ହୋଇଥିବା କହିଛନ୍ତି ନବୀନ। ସେହିପରି ବିଜୁ ଜନତା ଦଳର ସାଂଗଠନିକ ଶକ୍ତିକୁ ହେୟଜ୍ଞାନ କରିବା ଉଚିତ ନୁହେଁ ଏବଂ ଦଳର ନୀତି ଓ ଆଦର୍ଶ ହେଉଛି ଶକ୍ତି। ସରକାରରେ ରହେ ବା ନ ରହେ, ବିଜୁ ଜନତା ଦଳ ସବୁବେଳେ ଓଡିଶାବାସୀଙ୍କ ସେବା କରି ଚାଲିଛି ଏବଂ କରି ଚାଲିବ ବୋଲି କହିଛନ୍ତି ନବୀନ ପଟ୍ଟନାୟକ।

## ଟ୍ୱିନ ସିଟିରେ ହେବ ନୂଆ ଆଇଟି ପାର୍କ

### ସଡ଼କ ନିର୍ମାଣରେ ଖର୍ଚ୍ଚ ହେବ ୨ ଲକ୍ଷ ୩୦ ହଜାର କୋଟି

ଭୁବନେଶ୍ୱର: କଟକ ଓ ଭୁବନେଶ୍ୱର ଟ୍ୱିନ ସିଟିରେ ନୂଆ ଆଇଟି ପାର୍କ ତିଆରି ହେବ। ୧୦୦୦ ହେକ୍ଟର ଜମିରେ ତିଆରି ହେବ ନୂଆ ଆଇଟି ପାର୍କ। ଆଇଟି ଶିଳ୍ପ ପାଇଁ ତିଆରି ହେବ ପ୍ଲଗ ଆଣ୍ଡ ପ୍ଲେ ସୁବିଧା ଥିବା ବିଲ୍ଟ ଅପ୍ ଏରିଆ। ଭୁବନେଶ୍ୱରରେ ୧୦ ନିୟୁତ ବର୍ଗ ମିଟରର ବିଲ୍ଟ ଅପ୍ ଏରିଆ ନିର୍ମାଣ କରାଯିବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୫ ବର୍ଷରେ ସଡ଼କ ନିର୍ମାଣରେ ୨ ଲକ୍ଷ ୩୦ ହଜାର କୋଟି ଖର୍ଚ୍ଚ ହେବ। ରାଜ୍ୟର ୫ ବଡ଼ ସହର ସମେତ ୧୧ ସହରରେ ରିଙ୍ଗରୋଡ୍ ତିଆରି ହେବ। ବ୍ରହ୍ମପୁରରୁ ଜୟପୁର ମଧ୍ୟରେ ଗ୍ରୀନ ଫିଲ୍ଡ କରିଡର ନିର୍ମାଣ କରାଯିବ। ୫ ବର୍ଷରେ ରାଜ୍ୟରେ ୧୫ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ବୋଲି ହରିଚନ୍ଦନ ପ୍ରକାଶ କରିଛନ୍ତି।

## ପୁଷ୍ଟି ନିରାପତ୍ତା ପାଇଁ ସାମୁହିକ ସଚେତନତା ଜରୁରୀ: ମୁଖ୍ୟମନ୍ତ୍ରୀ

### ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ



- ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳିତ
- ନୂତନ ପ୍ରଶିକ୍ଷାର୍ଥୀ ନିବାସ, ତାଲିମ ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୪: ସମୃଦ୍ଧ ଓଡିଶା ଗଠନ ପାଇଁ ଓଡିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା। ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ତେବେ ଏହାର ସଫଳତା ପାଇଁ ସାମୁହିକ ସଚେତନତା ଖୁବ୍ ଜରୁରୀ। ଆଜି ସ୍ଥାନୀୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ଉଦ୍‌ଘାଟନ କରିବା ସହିତ ଏକ ଲାଇବ୍ରେରୀ ହଲ ଏବଂ ଅଙ୍ଗନବାଡି ଟ୍ରେନିଙ୍ଗ୍ ସେଂଟର ମଧ ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଙ୍ଗକୁ ଓଡିଶାର ମହିୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିବା ସହିତ ପ୍ରତିଷ୍ଠାନର କନଫରେନସ୍ ହଲ୍ କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବା ପାଇଁ ମଧ ଘୋଷଣା କରିଛନ୍ତି।

ସୂଚନାଥାଉ କି, ଏହି ପ୍ରତିଷ୍ଠାନର ଅଡିଟୋରିଅମ୍ ହଲ୍ କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍‌କୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନବାଡି ଟ୍ରେନିଙ୍ଗ ସେଂଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନବାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍‌କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ହୋଇପାରିବ ଓ ଭବିଷ୍ୟତରେ ଏକ ଆଦର୍ଶ ନାଗରିକ ହୋଇପାରିବ। ସୁସ୍ଥ ଶିଶୁ, ସୁସ୍ଥ ଭବିଷ୍ୟତର ପ୍ରତୀକ। ପୋଷଣ ପକ୍ଷ ପାଳନ ସମୟରେ ଶିଶୁ ଜୀବନର ପ୍ରଥମ ଏକ ହଜାର ଦିନ ମଧ୍ୟରେ ପୋଷଣର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି। ଶୈଶବରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟ ଉନ୍ନତ ହେବା ସହିତ ତା'ର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ।

ପୋଷଣ ଉପରେ ଆମର ନୂଆ ସରକାର ଅଧିକ ଫୋକସ୍ ରଖି କାମ କରିବା ଆରମ୍ଭ କରିଛନ୍ତି। ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡିଶା ପୁଷ୍ଟି ମିଶନ' ମଧ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତ ବର୍ଷ ବଜେଟ୍ ?ରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ହଜାର ଟଙ୍କାରୁ ୧୨ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ। ଯେହେତୁ ଏକ ସମୃଦ୍ଧ ଓଡିଶା ଗଠନ ଆମର ଲକ୍ଷ୍ୟ ତେଣୁ, ଆମ ଓଡିଶାକୁ ସୁ-ପୋଷିତ କରିବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣ ମାନେ ପିଲାମାନଙ୍କ ପୋଷଣ ଦାୟିତ୍ୱ ସହିତ ସେମାନଙ୍କୁ ପ୍ରାରମ୍ଭିକ ମୌଳିକ ଶିକ୍ଷା ବି ଦେଉଛନ୍ତି। ଆପଣ ମାନେ ହେଉଛନ୍ତି ପିଲାଙ୍କ ପାଇଁ ଦ୍ୱିତୀୟ ମା'।

ଆମ ଦେଶରୁ କୁପୋଷଣ ଦୂର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୮ ମସିହାରୁ ପିଏମ୍ ପୋଷଣ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ଓ ଛ ବର୍ଷରୁ କମ୍ ବର୍ଷର ଶିଶୁ ମାନଙ୍କ ପୋଷଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ବିଭାଗ, ମିଶନ ଶକ୍ତି ପ୍ରମୁଖ ବିଭାଗର ସହଯୋଗ ଓ ସମନ୍ୱୟ ଅଧିକ ହେବା ଜରୁରୀ।

## ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାର

### ୬ ହଜାର ଲାଞ୍ଚ ନେଉଥିଲେ



ସମ୍ବଲପୁର, ୧୯।୪: ଲାଞ୍ଚନେଇ ଧରାପଡ଼ିଲେ ମାନେଶ୍ୱର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ। ଚାଷ ଜମିର କିସମ ପରିବର୍ତ୍ତନ କରିବାକୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ।

ସମ୍ବଲପୁରରେ ଅତିରିକ୍ତ ତହସିଲଦାରଙ୍କୁ ୬ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ସମୟରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଦୁର୍ନୀତି ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଓଡ଼ିଶା ଭିଜିଲାନ୍ସ ଆଜି ସମ୍ବଲପୁର ଜିଲାର ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁଙ୍କୁ ଗିରଫ କରିଛି। ସେ କୃଷି ଜମିକୁ ଅଣ-କୃଷି (ଘର) ବ୍ୟବହାର ପାଇଁ ପରିବର୍ତ୍ତନ କରିବା ଏବଂ ଅଭିଯୋଗକାରୀଙ୍କ ସପକ୍ଷରେ ଅନୁରୂପ ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ଜାରି କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିଲେ।

ଭିଜିଲାନ୍ସ ସୂତ୍ର ଅନୁଯାୟୀ, ଶ୍ରୀ ସାହୁ ପ୍ରଥମେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ, କିନ୍ତୁ ଆଲୋଚନା ପରେ ଏହି ପରିମାଣକୁ ୬ ହଜାର ଟଙ୍କାକୁ ହ୍ରାସ କରିଥିଲେ। ଲାଞ୍ଚ ନଦେଲେ ସେ କାମ ଆଗକୁ ବଢ଼ାଇବାକୁ ମନା କରିଦେଇଥିଲେ ବୋଲି ଅଭିଯୋଗ ହୋଇଛି। ହଇରାଣ ଅନୁଭବ କରି ଅଭିଯୋଗକାରୀ ଏକ ଆନୁଷ୍ଠାନିକ ଅଭିଯୋଗ ସହିତ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଥିଲେ।

## ଅନ୍‌ଲାଇନ୍ ଗେମ୍‌ରେ ହାରିବାରୁ ଆତ୍ମହତ୍ୟା


ଭୁବନେଶ୍ୱର, ୧୯।୪: ଆଜିକାଲିର ଯୁବପିଢ଼ିଙ୍କୁ ରାତାରାତି ଲକ୍ଷପତି ଅଥବା କୋଟିପତି ହେବାର ସ୍ୱପ୍ନ ଦେଖୁଛନ୍ତି। ଏହା ପୁଣି ବିନା ପରିଶ୍ରମରେ। ଯୁବପିଢ଼ି ଘରେ ବସି ଅଥବା କମ୍ ପରିଶ୍ରମରେ ଅନ୍‌ଲାଇନ୍ ଓ ସୋସିଆଲ ମିଡିଆ ମାଧ୍ୟମରେ ଭଲ ଟଙ୍କା ରୋଜଗାର ମଧ କରୁଛନ୍ତି। କିନ୍ତୁ ଯୁବପିଢ଼ିଙ୍କୁ ପ୍ରଭାବିତ କରିବା ପାଇଁ ଅନେକ ଅନ୍‌ଲାଇନ୍ ସଂସ୍ଥା ମଧ ଫାସ ବସାଉଛନ୍ତି। କିଛି ଅନ୍‌ଲାଇନ୍ ଗେମ୍ ସଂସ୍ଥା ଯୁବବର୍ଗଙ୍କୁ ଲୋଭ ଦେଖାଇ କୋଟିକୋଟି ଟଙ୍କା କୌଶଳକ୍ରମେ ନେଇଯାଉଛନ୍ତି। କିନ୍ତୁ ଏହି ଅନ୍‌ଲାଇନ୍ ଗେମ୍‌ରେ ହାରିଯିବା ପରେ ଅନେକ ମାନସିକ ରୂପେ ଭାରସାମ୍ୟ ହରାଇ ଜୀବନ ହାରିବାକୁ ମଧ ପଛାଉ ନାହାନ୍ତି। ରାଜଧାନୀ ଭୁବନେଶ୍ୱରରେ ଏଭଳି ଏକ ମାମଲା ଆସିଛି।

| | |
|---|---|
| ସେନ୍‌ସେକ୍ସ | ୭୮,୫୫୩ |
| ନିଫ୍ଟି | ୨୩,୮୫୧ |
| ସୁନା/୧୦ଗ୍ରା | ୯୭,୮୮୦ |
| ରୂପା/କିଗ୍ରା | ୧,୦୧,୦୦୦ |
| ଡଲାର | ୮୫.୩୯ |

## ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୪.୩° |
| କଟକ: | ୩୪.୧° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୩.୬° |
| କଟକ: | ୨୩.୮° |

## ହାଲ୍‌ଚାଲ୍



ରାଜ୍ୟବ୍ୟାପୀ କାଳବୈଶାଖୀ ବରଷା ଜାରି ରହିଛି ଆହୁରି ଛଅ ଦିନ ଲାଗି ରହିବ ପାଣିପାଗ ବିଭାଗ କହିଛି ବିଜୁଳି ଘଡ଼ଘଡ଼ି ସହ ବରଷିବ ସତର୍କତା ଜାରି ହୋଇଛି।

## ବସ୍ତି-ବାସିନ୍ଦା ପୋଲିସ୍ ଖଣ୍ଡଯୁଦ୍ଧ ଜଣେ ମୃତ

- ରେଳ ଲାଇନ ବିରୋଧରୁ ତୁମୁଳକାଣ୍ଡ
- ବନ୍ଧମୁଣ୍ଡାରେ ଉତ୍ତେଜନା



ରାଉରକେଲା, ୧୯।୪: ରାଉରକେଲା ଇସ୍ପାତ କାରଖାନା ଜମି ଉପରେ ଦୀର୍ଘ ବର୍ଷ ବର୍ଷ ଧରି ଜବରଦଖଲ କରି ରହିଥିବା ବସ୍ତିବାସିନ୍ଦା ସଂପୃକ୍ତ ଯାଗା ଛାଡୁନଥିବା ବେଳେ ଆରଏସପିର ସଂପ୍ରସାରଣ ଲାଗି ଆବଶ୍ୟକ ହେଉଥିବା ୩ୟ ରେଳ ଲାଇନ ନିର୍ମାଣ କାମ ଚାଲିବା ବେଳେ ବସ୍ତିବାସିନ୍ଦା ଏହାକୁ ବିରୋଧ କରିଥିଲେ। ଏହି ସମୟରେ ବସ୍ତିବାସୀ ଓ ପୁଲିସ ମୁହାଁମୁହିଁ ହେବାରୁ ଏକ ଜେସିବିରେ ଚାପି ହୋଇ ଜଣେ ଯୁବକର ମୃତ୍ୟୁ ହେବା ଘଟଣା ସେ ଅଂଚଳରେ ତୀବ୍ର ଉତେଜନାର କାରଣ ହୋଇଛି। ମୃତ ଯୁବକର ନାମ ଏତୁଆ ଏକ୍କା।

ଘଟଣାରୁ ପ୍ରକାଶ ଯେ, ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ଲାଗି ଆବଶ୍ୟକ ହେଉଥିବା ଜମି ଉପରେ ବନ୍ଦମୁଣ୍ଡା ଓ ସିଭିଲ ଟାଉନ ଅଂଚଳରେ ଅନେକ ବସ୍ତି ଦୀର୍ଘ ଦିନରୁ ରହିଛି। ଏଗୁଡିକୁ ଉଠାନଗଲେ ଆରଏସପି ସଂପ୍ରସାରଣ ହେବା ସମ୍ଭବ ନୁହେଁ। ତେଣୁ ବସ୍ତି ବାସିନ୍ଦାଙ୍କୁ ବୁଝା ବୁଝି କଲା ପରେ କିଛି ସେ କଥାକୁ ବୁଝି ଯାଇଥିବା ବେଳେ କିଛି ବସ୍ତିବାସୀ ସେ ଯାଗା ଛାଡିବାକୁ ନାରାଜ ଥିଲେ। ଏଭଳି ଲୋକଙ୍କ ପଛରେ କିଛି ବ୍ୟକ୍ତି ରହିନ୍ତି ଯେଉଁମାନେ ଜବର ଦଖଲ କରିବାରେ ଏକ ପ୍ରକାର ମାଫିଆ। ସେମାନେ ସରକାରୀ ଜମି ନିଜେ ଜବରଦଖଲ କରିବା ସହ ସେଠାରେ ଘର କରି ରହି କିଛି ଘର ସେଠାରେ ତିଆରି କରି ଭଡା ମଧ ଲଗାଇଛନ୍ତି। ଏଭଳି ବ୍ୟକ୍ତିଙ୍କ ଭିତରେ ଆମ ବ୍ୟବସ୍ଥାରେ ଥିବା କିଛି ଆଗ ଧାଡିର ଲୋକ ମଧ ରହିଛନ୍ତି। ନିଜକୁ ଆଗ ଧାଡିର ଲୋକ କହି ପ୍ରଶାସନର ଭୁଲ କୁ ଧରୁଥିବା ଲୋକେ ଏହି ବସ୍ତି ବାଲାଙ୍କୁ ଭଡକାଇ ପୁଲିସ ବିରୋଧରେ ଲଢେଇ କରାଉଥିବା କଥା ମଧ ଆଲୋଚନା ଚାଲିଛି। ତେବେ ବରକାନି ଅଂଚଳରେ ଆରଏସପି ତାର ୩ୟ ରେଳ ଲାଇନ ଲାଗି ଆଜି କାମ କରୁଥିବା ବେଳେ ଏଭଳି କାମକୁ ବିରୋଧ କରୁଥିବା ଲୋକ ଓ ଠିକାଦାରଙ୍କ ଭିତରେ ମୁହାଁମୁହିଁ ହେବାରୁ ପୁଲିସ ସେଠାରେ ହସ୍ତକ୍ଷେପ କରିଥିଲା, ତାହାରି ଭିତରେ ଲୋକେ କାମ କରୁଥିବା ଜେସିବିକୁ ଅଟକାଉଥିବା ବେଳେ ଜଣେ ଯୁବକ ଜେସିବିରେ ଚାପି ହୋଇ ପ୍ରାଣ ହରାଇଥିଲା। ଏହାପରେ ସେଠାରେ ଉତେଜନା ପ୍ରକାଶ ପାଇବା ସହ ଢେଲା ପଥର ହୋ ହଲ୍ଲା ବଢିଥିଲା।

## ଆହୁରି ୬ ଦିନ କାଳବୈଶାଖୀ

ଭୁବନେଶ୍ୱର, ୧୯।୪: ଆଗାମୀ ୬ ଦିନ ପାଇଁ ପାଣିପାଗ ସ୍ଥିତି ପୂର୍ବାନୁମାନ କରି ପ୍ରେସରିଲିଜ୍ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ରାଜ୍ୟର ଅନେକ ସ୍ଥାନରେ କୁଆପଥର ସହ ବିଜୁଳି ଓ କାଳବୈଶାଖୀର ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଜିଲ୍ଲାକୁ ଏହି ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର।

ଆସନ୍ତାକାଲି ଅର୍ଥାତ୍ ୨୦ ତାରିଖ ପାଇଁ କିଛି ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ଗୁଡ଼ିକ ହେଉଛି-: ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲ୍ଲା। ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନ ( ୫୦-୬୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ସେହିପରି ୟେଲୋ ୱାର୍ଣ୍ଣିଂ ଜାରି

### ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା

କରାଯାଇଥିବା ଜିଲ୍ଲା ଗୁଡ଼ିକ ହେଉଛି- : ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୂଆପଡ଼ା, କଳାହାଣ୍ଡି ଓ କନ୍ଧମାଳ। ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନ ( ୪୦-୫୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି।

# ମାତୃଭାଷା

କଟକ, ରବିବାର, ଅପ୍ରେଲ-୨୦, ୨୦୨୫ ପୃଷ୍ଠା: ୨


## ଭାରତର ବିଦେଶୀ ମୁଦ୍ରା ଭଣ୍ଡାର, ମୁଦ୍ରା ସମ୍ପତ୍ତି, ସ୍ୱର୍ଣ୍ଣ ଭଣ୍ଡାର ଉଚ୍ଛୁଳିଲା

ଭାରତ ପାଇଁ ଏକ ଭଲ ଖବର ଆସିଛି। ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଲଗାତାର ଷଷ୍ଠ ସପ୍ତାହ ପାଇଁ ଖୁବ୍ ତଗଡା ଆକାରରେ ବୃଦ୍ଧି ପାଇଛି। ଏପ୍ରିଲ ୧୧ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଏହା ୧.୫୭ ବିଲିୟନ ଡଲାର ବୃଦ୍ଧି ପାଇ ୬୭୭.୮୩ ବିଲିୟନ ଡଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ସୂଚନା ଦେଇଛି। ଏହା ଲଗାତାର ଷଷ୍ଠ ସପ୍ତାହ ଅଟେ ,ଯେବେ କି ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ କ୍ରମାଗତ ଅଭିବୃଦ୍ଧି ଘଟିଛି, ଯାହା ଭାରତୀୟ ଅର୍ଥନୀତି ପାଇଁ ଏକ ସକାରାତ୍ମକ ସଙ୍କେତ। ପୂର୍ବରୁ ୪ ଏପ୍ରିଲରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୧୦.୮୭ ବିଲିୟନ ଡଲାରର ଏକ ବଡ଼ ବୃଦ୍ଧି ଘଟିଥିଲା ଏବଂ ଏହା ୬୭୬.୨୭ ବିଲିୟନ ଡଲାରରେ ପହଞ୍ଚିଥିଲା।

ବିଦେଶୀ ମୁଦ୍ରା ସମ୍ପତ୍ତି ମଧ୍ୟ ବୃଦ୍ଧି ପାଇଛି। ଆରବିଆଇ ତଥ୍ୟ ଅନୁଯାୟୀ, ମୋଟ ଭଣ୍ଡାରର ଏକ ପ୍ରମୁଖ ଅଂଶ ଗଠନ କରୁଥିବା ବିଦେଶୀ ମୁଦ୍ରା ସମ୍ପତ୍ତିରେ ମଧ୍ୟ ଏହି ସମୟ ମଧ୍ୟରେ ବୃଦ୍ଧି ଘଟିଛି। ଏହା ୮୯୨ ନିୟୁତ ଡଲାର ବୃଦ୍ଧି ପାଇ ୫୭୪.୯୮ ବିଲିୟନ ଡଲାରରେ ପହଞ୍ଚିଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ବିଦେଶୀ ମୁଦ୍ରା ସମ୍ପତ୍ତିରେ ବିଦେଶୀ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ଭଳି ଅନ୍ୟ ମୁଦ୍ରାର ମୂଲ୍ୟରେ ପରିବର୍ତ୍ତନ ମଧ୍ୟ ଅନ୍ତର୍ଭୁକ୍ତ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ସେପ୍ଟେମ୍ବର ୨୦୨୪ ରେ ସର୍ବୋଚ୍ଚ ସ୍ତରରେ ଥିଲା ଯେତେବେଳେ ଏହା ୭୦୪.୮୮ ବିଲିୟନ ଡଲାର ରେକର୍ଡ କରାଯାଇଥିଲା।

ଏହି ସଂଖ୍ୟାଗୁଡ଼ିକରେ ୟୁରୋ, ପାଉଣ୍ଡ, ୟେନ୍ ଇତ୍ୟାଦି ଅନ୍ୟାନ୍ୟ ମୁଦ୍ରାର ମୂଲ୍ୟରେ ପରିବର୍ତ୍ତନର ପ୍ରଭାବ ମଧ୍ୟ ଅନ୍ତର୍ଭୁକ୍ତ, କାରଣ ସେମାନଙ୍କର ମୂଲ୍ୟ ଡଲାରରେ ମପାଯାଇଥାଏ।

ସୁନା ଭଣ୍ଡାର ମଧ୍ୟ ଚମକି ଉଠିଲା - ଏହି ସପ୍ତାହରେ କେବଳ ବିଦେଶୀ ମୁଦ୍ରା ସମ୍ପତ୍ତି ନୁହେଁ, ବରଂ ଦେଶର ସୁନା ଭଣ୍ଡାରରେ ମଧ୍ୟ ବୃଦ୍ଧି ଘଟିଛି। ଆରବିଆଇ ଅନୁଯାୟୀ, ସୁନା ଭଣ୍ଡାର ୬୩.୮ ନିୟୁତ ଡଲାର ବୃଦ୍ଧି ପାଇ ୭୯.୯୯ ବିଲିୟନ ଡ଼ଲାର ହୋଇଛି। ତଥାପି, ଏହି ସମୟ ମଧ୍ୟରେ, ସ୍ୱତନ୍ତ୍ର ଡ୍ରଇଂ ଅଧିକାର ଅର୍ଥାତ୍ ଏସ୍,ଡି,ଆର୍, ରେ ସାମାନ୍ୟ ହ୍ରାସ ଘଟିଛି ଏବଂ ଏହା ୬୦ ଲକ୍ଷ ଡଲାର ହ୍ରାସ ପାଇ ୧୮.୩୬ ବିଲିୟନ ଡଲାର ହୋଇଛି। ଏହା ବ୍ୟତୀତ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପାଖରେ ଭାରତର ରିଜର୍ଭ ସ୍ଥିତି ମଧ୍ୟ ୪୩ ନିୟୁତ ଡଲାର ବୃଦ୍ଧି ପାଇଛି ଏବଂ ୪.୫୦ ବିଲିୟନ ଡଲାର ହୋଇଛି। ଯେକୌଣସି ଦେଶର ଅର୍ଥନୀତି ପାଇଁ ବିଦେଶୀ ମୁଦ୍ରା ଭଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ଢାଲ ଭଳି। ଏହା ଆନ୍ତର୍ଜାତୀୟ ବାଣିଜ୍ୟ ଏବଂ ଅନ୍ୟାନ୍ୟ କାରବାରର ଦେୟରେ ସାହାଯ୍ୟ କରେ ଏବଂ ଦେଶର ଆର୍ଥିକ ସ୍ଥିରତା ବଜାୟ ରଖିବା ଏବଂ ଏହାର ମୁଦ୍ରାର ମୂଲ୍ୟ ପରିଚାଳନା କରିବାରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହି ରିଜର୍ଭରେ ମୁଖ୍ୟତଃ ଅନ୍ୟ ଦେଶର ମୁଦ୍ରା, ବଣ୍ଡ, ସରକାରୀ ସିକ୍ୟୁରିଟି, ସୁନା ଏବଂ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରେ ଜମା ରହିଛି। ନିରନ୍ତର ବର୍ଦ୍ଧିତ ବୈଦେଶିକ ମୁଦ୍ରା ଭଣ୍ଡାର ଭାରତୀୟ ଅର୍ଥନୀତି ପାଇଁ ନିଶ୍ଚିତ ଭାବରେ ଏକ ଭଲ ସଙ୍କେତ।

## ସ୍ମାର୍ଟ ସିଟି ମିଶନ କେତେ ସଫଳ ?

ଦେଶର ୧୦୦ଟି ସହରକୁ 'ସ୍ମାର୍ଟ' ସିଟି ଭାବେ ଗଢି ତୋଳିବା ପାଇଁ ଇତି ମଧ୍ୟରେ ଗୋଟିଏ ଦଶନ୍ଧି ବିତିଯାଇଥିବାବେଳେ ୧,୫୦,୦୦୦ କୋଟି ଟଙ୍କା ବ୍ୟୟ ହୋଇସାରିଛି। କିନ୍ତୁ ସ୍ମାର୍ଟ ସିଟି ମିଶନର ମୂଲ୍ୟାୟନ ଯାହାକି ଗତ ମାର୍ଚ୍ଚ ୩୧ ତାରିଖ ଦିନ ଶେଷ ହୋଇଥିଲା, କେତେକ ନୈରାଶ୍ୟ ଜନକ ତଥ୍ୟ ଦେଇଛି। କହିବା ବାହୁଲ୍ୟ ଯେ, ଦେଶର ୧୦୦ଟି ସହରକୁ ସ୍ମାର୍ଟ ସିଟି କରିବା ପାଇଁ ୨୦୧୫ରେ ବର୍ତ୍ତମାନର କେନ୍ଦ୍ର ସରକାର ନିଷ୍ପତି ନେଇଥିଲେ। ଏଥିରେ ଦେଶର ୧୦୦ଟି ସହରକୁ ବଛା ଯାଇଥିଲା। ଯେଉଁଥିରେ ଭୁବନେଶ୍ୱର ଏକ ନମ୍ବର ସ୍ଥାନରେ ରହିଥିଲା। ମନୋନୀତ ସହରଗୁଡିକୁ ଚାକଚକ୍ୟ କରିବା ସହ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଯେଉଁ ଭଳି ଭାବେ ମନ୍ଥର ଗତିରେ କାର୍ଯ୍ୟ ଚାଲିଥିଲା, ଏଥିଲାଗି ତିନି ତିନିଥର ସମୟ ସୀମା ସମ୍ପ୍ରସାରଣ କରାଯାଇଥିଲା। ଇତି ମଧ୍ୟରେ ଏକ ଦଶନ୍ଧି ବିତିଯାଇଥିବାବେଳେ ୧୦୦ଟି ସହର ମଧ୍ୟରୁ ମାତ୍ର ୧୬ଟି ସହର ସ୍ମାର୍ଟ ସିଟି ପାଇଁ ଯୋଜନା କରାଯାଇଥିବା ସମସ୍ତ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅବଶିଷ୍ଟ ୮୪ଟି ସହରର କାର୍ଯ୍ୟ



ସମ୍ପୂର୍ଣ୍ଣ ହୋଇପାରିନାହିଁ। ରିପୋର୍ଟ ପ୍ରକାଶ ପାଇଛି ଯେ, ଏହି ୮୪ଟି ସହରରେ ୧୪,୦୦୦ କୋଟି ଟଙ୍କାର ମୂଲ୍ୟର କାର୍ଯ୍ୟ ଏବେ ବି ବାକି ରହିଛି। ଅନ୍ୟପକ୍ଷରେ ପାଂଚ ବର୍ଷରେ ସ୍ମାର୍ଟ ସିଟି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲାବେଳେ, ଏବେ ଏକ ଦଶନ୍ଧି ପୁରିସାରିଥିବା ସତ୍ତ୍ୱେ କାମ ଶେଷ ହୋଇନାହିଁ। ପ୍ରକଳ୍ପର ଅବଧି ଯେତିକି ଯେତିକି ବଢି ଚାଲିଛି, ବ୍ୟୟ ଭାର ମଧ୍ୟ ସେତିକ ସେତିକି ବଢିଚାଲିଛି। ଗୋଟିଏ ସହର ପାଇଁ ୫ବର୍ଷରେ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ୫୦୦କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରାଥମିକ ପର୍ଯ୍ୟାୟରେ ଥିବା ବେଳେ ଇତି ମଧ୍ୟରେ ୧,୫୦୦ କୋଟି ଟଙ୍କାରେ ପହଁଚିଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୦୦ଟି ନୂତନ ସ୍ମାର୍ଟ ସିଟି ତଥା ବିଶ୍ୱସ୍ତରୀୟ ସହର ନିର୍ମାଣ କରିବା ପାଇଁ ମୂଳ ପ୍ରୋଜେକ୍ଟରେ କଳ୍ପନା କରାଯାଇଥିଲା। କିନ୍ତୁ ବ୍ୟୟ ଭାରର ବାଧ୍ୟବାଧକତା ଯୋଗୁଁ ମୂଳ ପ୍ରୋଜେକ୍ଟ ପରିବର୍ତନ କରାଯାଇ ଦେଶର ୧୦୦ଟି ବଛା ବଛା ସହରକୁ ସ୍ମାର୍ଟ ସିଟି କରିବା ଲାଗି ମନୋନୀତ କରାଯାଇଥିଲା। ଏହା ସତ୍ତ୍ୱେ ପରିବର୍ତ୍ତିତ ସ୍ମାର୍ଟ ସିଟି ମିଶନ ପାଇଁ ପୂର୍ବତନ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଜବାହାରଲାଲ ନେହେରୁ ନ୍ୟାଶନାଲ ରେନେଓ୍ୱାଲ ମିଶନ, ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଅର୍ବାନ ଟ୍ରାନ୍ସଫରମେସନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏବଂ ନ୍ୟାଶାନାଲ ଅର୍ବାନ ଲର୍ଣ୍ଣିଂ ପ୍ଲାଟଫର୍ମରୁ ହଜାର ହଜାର କୋଟି ଟଙ୍କା ଧାର ସୂତ୍ରରେ ଅଣାଯାଇଥିଲା। ସ୍ମାର୍ଟ ସିଟି ମିଶନ ତଥା ଦେଶର ୧୦୦ଟି ସହରକୁ ସ୍ମାର୍ଟ ସହରରେ ରୂପାନ୍ତରିତ କରିବା ତଥା ଚାକଚକ୍ୟ ଠାରୁ ଆରମ୍ଭ କରି ନୂତନ ଶୈଳୀରେ ରାସ୍ତାଘାଟର ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳଯୋଗାଣ, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଲବ୍ଧ ସହ ସମସ୍ତ ପ୍ରକାରର ସୁବିଧାସୁଯୋଗ ଉପଲବ୍ଧ ଥିବା ସହର ନିର୍ମାଣ ଲାଗି ୧,୫୦,୦୦୦ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ କେତେଦୂର ମିଶନ ସଫଳ ହୋଇଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଉଦାହରଣ ସ୍ୱରୁପ ଗୁଜରାଟ 'ସୁରଟ' ସହର, ବିଚାରକୁ ନିଆଯାଉ। ଯେଉଁ ସହର ଗତ କିଛି ବର୍ଷ ଧରି ସରକାରୀ ସର୍ଭେ ରିପୋର୍ଟରେ ଦେଶର ସବୁଠୁ ସ୍ମାର୍ଟ ସହର ଭାବେ ମର୍ଯ୍ୟଦା ହାସଲ କରିଆସିଛି। କିନ୍ତୁ ଗତ ବର୍ଷ ପ୍ରବଳ ବର୍ଷାରେ ସହରରେ ବନ୍ୟାର ଭ୍ରମ ସୃଷ୍ଟି ହୋଇଥିଲା। ଆବଶ୍ୟକୀୟ ଡ୍ରେନେଜ ବ୍ୟବସ୍ଥା ଅଭାବରୁ ସହରରେ କେବଳ କୃତ୍ରିମ ବନ୍ୟା ସୃଷ୍ଟି ହୋଇନଥିଲା, ରାସ୍ତାଘାଟ ଧୋଇ ହୋଇଯାଇଥିଲା। ଏପରିକି ମୁଖ୍ୟ ରାସ୍ତାରେ ୨୦ଫୁଟର ଗାତ ସୃଷ୍ଟି ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଆମ ରାଜଧାନୀ ଭୁବନେଶ୍ୱରରେ ସହରରେ ବର୍ଷା ଦିନରେ କୃତ୍ରିମ ବନ୍ୟାର ପ୍ରକୋପ କାହାରିକୁ ଅଛପା ନାହିଁ। କେବଳ ସୁରଟ କିମ୍ବା ଭୁବନେଶ୍ୱର ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀଠାରୁ ଆରମ୍ଭ କରି ଦେଶର ବଡ ବଡ ସହରରେ କୃତ୍ରିମ ବନ୍ୟା ଏବେ ବର୍ଷାଦିନେ ଜନସାଧାରଣଙ୍କ ପାଇଁ ଅଭିଶାପ ପାଲଟିଛି। ଦିଲ୍ଲୀରେ ବର୍ଷା ପାଣିରେ ଘର ଭିତରେ ବୁଡି ୩ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବାଙ୍ଗାଲୋରରେ ରାସ୍ତାରେ ବର୍ଷା ପାଣି ସ୍ରୋତରେ ଭାସି ଜଣେ ଆଇଟି ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ଦେଶର କେତେକ ସହରରେ ବର୍ଷା ଦିନେ ରାସ୍ତାରେ ଡଙ୍ଗା ବୁଲିବା ଏବେ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଡ୍ରେନେଜ ଓ ରାସ୍ତାଘାଟ ସ୍ମାର୍ଟ ସିଟି ମିଶନର ଏକ ଅଂଶ ବିଶେଷ ହୋଇଥିବାବେଳେ ମିଶନ କେତେ ସଫଳ ଅନୁମାନ କରାଯାଇ ପାରେ। ଆହୁରି ମଧ୍ୟ ବାୟୁ ପ୍ରଦୁଷଣ ଏବେ ଭାରତୀୟ ସହର ଗୁଡିକରେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଥିବାବେଳେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇପାରିନି। କେବଳ କାଗଜପତ୍ରରେ ସ୍ମାର୍ଟ ସିଟି ମିଶନ ସୀମିତ ଥିବା କହିଲେ ଅତିରଂଜିତ ହୋଇନପାରେ।

**ସୌଭାଗ୍ୟ ରଞ୍ଜନ ମହାନ୍ତି**

## 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'


**ଶ୍ରୀ କିଶୋର କୁମାର ଜେନା**

ଭଗବାନ ସବୁ ନାମ ଓ ରୂପ, ଏ ସବୁର ସୁସମନ୍ୱିତ ସମାହାର । ବିଭିନ୍ନ ମତବାଦରେ ଗୃହୀତ, ବିଭିନ୍ନ ମାନବ ସମାଜ ଦ୍ୱାରା ଆରାଧିତ ଦେବତାମାନେ ପ୍ରକୃତରେ ଏକ ଭଗବାନଙ୍କର ଅଙ୍ଗପ୍ରତ୍ୟଙ୍ଗ । ଶରୀରା ଯେପରି ଇନ୍ଦ୍ରିୟ ଓ ଅଙ୍ଗପ୍ରତ୍ୟଙ୍ଗ ମାନଙ୍କର ସମନ୍ୱିତ ଏକକ ଭଗବାନ ସେହିପରି ମଣିଷ ତାଙ୍କୁ ଦେଇଥିବା ସବୁ ରୂପ ଓ ନାମଗୁଡ଼ିକର ସମନ୍ୱୟ । ଭଗବାନଙ୍କ ବିଷୟରେ ଚିନ୍ତା କରିବା ସକାଶେ ଯେ କୌଣସି ଉପାୟ ପାଇଁ ଆବଶ୍ୟକ ଭଗବତ୍ ବିଶ୍ୱାସ ଅନୁପସ୍ଥିତ ଅଛି । ସେହି ବିଶ୍ୱାସ ଦିବ୍ୟ ପୁରୁଷଙ୍କ ସଙ୍ଗତି, ଦିବ୍ୟ ପୁରୁଷମାନଙ୍କ ଜୀବନୀ ଓ ଅନୁଭୂତି ପାଠ ଏବଂ ନିଜସ୍ୱ ଅନୁଭୂତି ଦ୍ୱାରା ହିଁ ଧୀରେ ଧୀରେ ଆସିପାରେ । ନାମ ସଂକୀର୍ତ୍ତନ ଖୁବ୍ ଶୀଘ୍ର ବିଶ୍ୱାସ ବଢ଼ାଏ । ଆରମ୍ଭରେ ଧରାବନ୍ଧା ରୁଟିନ ଭାବରେ ନାମ କୀର୍ତ୍ତନ କରିବାକୁ ହେବ । ପରେ ସ୍ୱାଦ ଆମକୁ ଅଭ୍ୟାସରେ ପକାଇଦେବ; କୀର୍ତ୍ତନ ଅବ୍ୟର୍ଥ ଆନନ୍ଦ ପ୍ରଦାନ କରିବ । ଆମେ ହୃଦ୍‌କମଳ ବିଷୟରେ କହୁ । କାହିଁକି ? କାରଣ ପଦ୍ମ ଜଳ ଭିତରେ ଓ ଜଳରୁ ବଢ଼େ ଏବଂ ସୂର୍ଯ୍ୟ କିରଣରେ ପ୍ରସ୍ଫୁଟିତ ହୁଏ । ହୃଦୟ ମଧ୍ୟ ଭକ୍ତିରୁ ପୁଷ୍ଟିସାର ଗ୍ରହଣ କରେ ଓ ଜ୍ଞାନ ବଳରେ ପ୍ରସ୍ଫୁଟିତ ହୁଏ । ସଦାସର୍ବଦା ଭଗବାନଙ୍କ ଦିବ୍ୟ ନାମ ସ୍ମରଣ କରିବା । ଭଗବାନଙ୍କର ଅଧିକାଂଶ ନାମ ଦୁଇ ଅକ୍ଷର ବିଶିଷ୍ଟ । ଦୁଇ ସଂଖ୍ୟାର ତାତ୍ପର୍ଯ୍ୟ ହେଉଛି ଯେ ପ୍ରଥମ ଅକ୍ଷରଟି ଅଗ୍ନିର ପ୍ରତୀକ, ଯାହା ସଞ୍ଚିତ ପାପକୁ ପୋଡ଼ି ପକାଏ ଏବଂ ଦ୍ୱିତୀୟଟି ପୁନରୁଦ୍ଧାରକାରୀ, ସତେଜ, ସଂସ୍କାର ଶକ୍ତି ଅମୃତ ତତ୍ତ୍ୱର ପ୍ରତୀକ । ଦୁଇଟିଯାକ ପ୍ରକ୍ରିୟା ଆବଶ୍ୟକ, ପ୍ରତିବନ୍ଧକ ଦୂରୀକରଣ ଓ ସଂରଚନା ନିର୍ମାଣ ।

'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସମଗ୍ର ବିଶ୍ୱର ସ୍ରଷ୍ଟା ଓ ପାଳକ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ। ତା ସହିତ ନିଜ ମାନବ ସ୍ୱଭାବର ଅପୂର୍ଣ୍ଣତା କଥା ମଧ୍ୟ ସ୍ୱୀକାର କରିବାକୁ କୁଣ୍ଠିତ ହୋଇ ନଥିଲେ। ସାଇଶକ୍ତି ଓ ସାଇଜ୍ଞାନ ଅମାପ ବୋଲି କହିସାରି ସେ ପ୍ରକାଶ କରିଥିଲେ, 'ମଣିଷ ଶରୀର ଗ୍ରହଣ କରିଥିବାରୁ ଏହି ଶରୀର ଅପୂର୍ଣ୍ଣତା ଓ ସ୍ୱଭାବ ଗ୍ରହଣ କରିବାର ଶୁଳ୍କ (ଟ୍ୟାକ୍ସ) ମୋତେ ଦେବାକୁ ପଡୁଛି। ଆହୁରି ଅଧିକ ସ୍ପଷ୍ଟ ଭାବରେ ସେ କହିଥିଲେ, ସମଗ୍ର ବାହ୍ୟବସ୍ତୁ ଦେଶ ଓ କାଳର ଅଧିନ, ପ୍ରକୃତି ନିୟମର ଅଧୀନ। ମୋର ବାହ୍ୟ ସ୍ୱରୂପ ମଧ୍ୟ ସେଥିରୁ ମୁକ୍ତ ନୁହେଁ।'

ଅବତାର ମଣିଷ ସ୍ତରକୁ ଓହ୍ଲାଇ ଆସିଲେ ଯାଇ ତାଙ୍କ ସହ ମଣିଷମାନଙ୍କର ଆତ୍ମୀୟତା ପ୍ରତିଷ୍ଠା କରିବା ସମ୍ଭବ। ଏହା ସତ୍ତ୍ୱେ ତାଙ୍କ ଅବତରଣ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଉପକୃତ ହେବାପାଇଁ ଅର୍ଥାତ୍ ତାଙ୍କ ଦିବ୍ୟ ସ୍ୱଭାବ ବ୍ରହ୍ମଚେତନା ସହିତ ଏକାତ୍ମତା ଲାଭ କରିବା ପାଇଁ, ଆମକୁ ତାଙ୍କର ବାହ୍ୟରୂପକୁ ମଧ୍ୟ ଅତିକ୍ରମ କରିଯିବାକୁ ପଡ଼ିବ। ଯେତେବେଳେ ମଣିଷ ଅନ୍ତର୍ଭୂଖୀ ହେବ, ସେତେବେଳେ ସେ ଅବତାର ପୁରୁଷଙ୍କର ପ୍ରକୃତି ଦୈବ ସ୍ୱଭାବ ଉପଲବ୍ଧି କରି ଜୀବନକୁ ପୂର୍ଣ୍ଣ କରିବ। ଏହି ପରିପ୍ରେକ୍ଷୀରେ ଭଗବାନ କୃଷ୍ଣ ଉଦ୍ଧବକୁ ବଦ୍ରିକା ଆଶ୍ରମକୁ ଯାଇ ତପସ୍ୟା କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଭଗବାନ ବାବା ଏ ବିଷୟରେ କହନ୍ତି, 'ବାହ୍ୟ ଦର୍ଶନ ପୂର୍ଣ୍ଣ ଦର୍ଶନ ନୁହେଁ ବରଂ ଏହା ଏପରି ହେବା କଥା, ତାହାହେଲେ ଯାଇ ମଣିଷ ଅନ୍ତର୍ଗତ ଦର୍ଶନ ଚାହିଁବ, ଯାହା ଚିରନ୍ତନ ଯେଉଁମାନେ ଜ୍ଞାନମାର୍ଗରେ ତୃପ୍ତିଲାଭ କରନ୍ତି, ସେମାନଙ୍କ ପାଇଁ ଭଗବାନ ବାବାଙ୍କର ଏହି ଉକ୍ତି ଅଟେ।

କିନ୍ତୁ ଯେଉଁମାନେ ନିର୍ମଳ ଭକ୍ତିରେ ଆନନ୍ଦ ପାଆନ୍ତି, ଅବତାରଙ୍କ ଠାରେ ଅପୂର୍ଣ୍ଣତା ଦେଖିଲେ ମଧ୍ୟ ସେମାନଙ୍କ ଭକ୍ତିରେ ଭଟ୍ଟା ପଡ଼େ ନାହିଁ, ସେମାନେ ପ୍ରଶ୍ନ କରନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ତାଙ୍କୁ ଗ୍ରହଣ କରିନିଅନ୍ତି। ସାଧାରଣ ଭାବରେ କହିଲେ ଅବତାର ଚାହାନ୍ତି ସାଧକ ଯେଉଁ ମାର୍ଗରେ ଗଲେ ବି, ପୂର୍ଣ୍ଣ ବ୍ରହ୍ମଚେତନାରେ ମଗ୍ନ ହୋଇଯିବାର ଅନ୍ତିମ ଲକ୍ଷ୍ୟ ଠାରେ ପହଞ୍ଚିବା ଦରକାର। ଉପରୋକ୍ତ କଥାରୁ ଆମେ ଏଇ ସିଦ୍ଧାନ୍ତ କରିବା ଯେ, ସତ୍ୟସାଇ ବାବାଙ୍କ ଠାରେ ମନୁଷ୍ୟ ସ୍ୱଭାବର ଅପୂର୍ଣ୍ଣତା କିଛି କିଛି



ଦେଖାଯାଉଥିଲେ ମଧ୍ୟ ତାଙ୍କୁ ଅବତାର ନୁହଁନ୍ତି ବୋଲି ଆମେ କହିପାରିବା ନାହିଁ। ଶ୍ରୀରାମ ନିଜେ ବନବାସ ସମୟରେ ସୀତାଙ୍କୁ ହରାଇ ମଣିଷ ପରି କାନ୍ଦୁଥିଲେ କାହିଁକି ? କୃଷ୍ଣଙ୍କର ଜଣେ ଅତି ଅନ୍ତରଙ୍ଗ ଭକ୍ତ ଉଦ୍ଧବ କାଳଜବନ / ଜରାସନ୍ଧ ଆସିବା କଥା ଶୁଣି ଯେପରି ଭୟରେ ମଥୁରାରୁ ପଳାଇ ଯାଇଥିଲେ ସେଥିପ୍ରତି ବିସ୍ମୟ ପ୍ରକାଶ କରିଛନ୍ତି। ଯୀଶୁ କ୍ଷମା ଓ ଉଦାରତାର ମୂର୍ତ୍ତି ହେଲେ ମଧ୍ୟ ଜେରୁଜେଲମ ମନ୍ଦିର ଭିତରେ କ୍ରୋଧରେ ବ୍ୟବସାୟୀ ମାନଙ୍କୁ ପିଟି ପକାଇଲେ କାହିଁକି ? ପୁତୁରା ରାମଲାଲ ମୃତ୍ୟୁରେ, ଶ୍ରୀରାମ-କୃଷ୍ଣ ପିଲାପରି କାନ୍ଦୁଥିଲେ କାହିଁକି ? ଶ୍ରୀରାମକୃଷ୍ଣଙ୍କ ଭାଷାରେ ଖାଦ ମିଶା ଅଳଙ୍କାର, ସୁନାର ଅବମାନନା ନୁହେଁ।

ଅବତାର ମାନଙ୍କର ଜୀବନ କାହାଣୀ ଅଧ୍ୟୟନ କଲେ, ଆମେ ଦେଖିବା ସେମାନଙ୍କ ଠାରେ ଦୁଇଟି ଗୁଣ ସର୍ବଦା ଅମିଶ୍ର ଭାବରେ ବିଦ୍ୟମାନ। ତାହାହେଲେ ଧର୍ମରକ୍ଷଣ ଓ ଭକ୍ତ ରକ୍ଷଣ। ଅବଶ୍ୟ ଏହା ସତ୍ୟ ଯେ, ଧର୍ମ ସଂରକ୍ଷଣ ଅବତାରଙ୍କର ଦାୟିତ୍ୱ ହୋଇଥିବାରୁ, ସେ କେବେହେଲେ ଧର୍ମ ମାର୍ଗରୁ ବିଚ୍ୟୁତ ହୋଇପାରିବେ ନାହିଁ ଏବଂ ଭକ୍ତ ସଂରକ୍ଷଣ ତାଙ୍କର କର୍ତ୍ତବ୍ୟ ଥିବାରୁ ସେ ଏଥିପାଇଁ ଆବଶ୍ୟକ ପଡ଼ିଲେ ଦେବଶକ୍ତି ପ୍ରୟୋଗ ନକରି ରହିପାରିବେ ନାହିଁ। ତେଣୁ ଶ୍ରୀ ସତ୍ୟସାଇ ଯେ ଅବତାର ତାର ଅବିସମ୍ବାଦିତ ପ୍ରମାଣ ହେଲା - ତାଙ୍କର ଶକ୍ତି, ଯାହା ବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଧର୍ମଚ୍ୟୁତ ବ୍ୟକ୍ତିଙ୍କୁ ଧର୍ମ ମାର୍ଗରେ ଆସିବା ପାଇଁ ଆକୃଷ୍ଟ କରିଛନ୍ତି ଏବଂ ସାରା ପୃଥିବୀରେ ତାଙ୍କର ଭକ୍ତମାନଙ୍କୁ ପାର୍ଥିବ ଏବଂ ଅପାର୍ଥିବ ଉଭୟ ସ୍ତରରେ ଅକୁଣ୍ଠିତ ଅନୁଗ୍ରହ ପ୍ରଦାନ କରିଛନ୍ତି। ସଂସାରରେ ଚାରିଆଡ଼େ ଅଧର୍ମ ରାକ୍ଷସ ରାଜୁତି କରୁଥିଲାବେଳେ, ସେ ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମମାର୍ଗକୁ ଟାଣିଆଣି ପାରିଛନ୍ତି; ଏହା କେଉଁ ଶକ୍ତି ବଳରେ ସମ୍ଭବ ?

ଏଠାରେ ଆମ ମନରେ ଗୋଟିଏ ସଂଶୟ ଆସିପାରେ, ତାହାହେଲା ଅବତାର ଠାରେ ଯଦି ମାନବିକ ଗୁଣମାନ ଅଛି, ତେବେ ଆମେ କିପରି ବିଶ୍ୱାସ କରିବା ଯେ, ସେ ଆମର ବିପଦ ସମୟରେ ଡାକରା ଶୁଣିବେ; ଆଉ ଆମକୁ ସେଥିରୁ ଉଦ୍ଧାର କରିବେ। ପ୍ରକୃତରେ ଆମେ ଅବତାରଙ୍କର ମାନବକ ଗୁଣ ବୋଲି ଯାହା କହୁ, ତାହା ଅବତାର ପୁରୁଷଙ୍କର ସ୍ଥୁଳ ଶରୀରରେ ଦେଖାଦେଇପାରେଁ, ମାତ୍ର ସୂକ୍ଷ୍ମ ଶରୀର ସର୍ବଦା ପୂର୍ଣ୍ଣ ଏବଂ ଅସୀମ। ତେଣୁ ଆମେ ଆମର ଆସନ୍ନ ଦୁର୍ଗତି ସମ୍ବନ୍ଧରେ ଅବହିତ ନଥିଲେ ବି, ଅବତାର ପୁରୁଷଙ୍କର ସୂକ୍ଷ୍ମ ଶରୀର ସେଥିରୁ ଆମକୁ ଉଦ୍ଧାର କରନ୍ତି। ତାଙ୍କ ସର୍ବ ଶକ୍ତିମାନ ଅନୁଗ୍ରହଙ୍କୁ କୌଣସି ମାନବୀୟ ଗୁଣ ପ୍ରଭାବିତ ବା କ୍ଷୂର୍ଣ୍ଣ କରିପାରିନାହିଁ। ସ୍ଥୁଳସାଇ ଦେଶ ଓ କାଳର ଅଧୀନ ହୋଇଥିବାରୁ କେତେକ ଭକ୍ତକୁ ସେ ଉପେକ୍ଷା କଲାପରି ଜଣାପଡ଼ି ପାରନ୍ତି, ମାତ୍ର ସୂକ୍ଷ୍ମସାଇ ଦେଶ କାଳାତୀତ ହୋଇଥିବାରୁ ପାଞ୍ଚୋଟି ଯାକ ମହାଦେଶରେ ବ୍ୟାପ୍ତ ତାଙ୍କର କୋଟି କୋଟି ପିଲାଙ୍କ ଯତ୍ନ ନେବାରେ ସେ ସର୍ବଦା ତତ୍ପର। ସ୍ଥୁଳସାଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଚାଲି ଚାଲି କିମ୍ବା କାରରେ କିମ୍ବା ବିମାନରେ ଯାଆନ୍ତି; ମାତ୍ର ସୂକ୍ଷ୍ମସାଇ ମୁହୂର୍ତ୍ତକ ମଧ୍ୟରେ ହଜାର ହଜାର ତଥା ଲକ୍ଷ ଲକ୍ଷ ମାଇଲ ଦୂରରେ ଏକାଧିକ ସ୍ଥାନରେ ଗୋଟିଏ ସମୟରେ ପହଞ୍ଚି ଯାଇପାରନ୍ତି। ସ୍ଥୁଳସାଇ ଅନ୍ୟ ଭାଷାରେ ଭକ୍ତଙ୍କ ସହିତ କଥା ହେବାପାଇଁ ହୁଏତ ଜଣେ ଦୋଭାଷୀ ଦରକାର କରନ୍ତି; ମାତ୍ର ସୂକ୍ଷ୍ମସାଇ ଭକ୍ତମାନଙ୍କ ସହ ସେମାନଙ୍କ ଭାଷାରେ ହିଁ କଥାବର୍ତ୍ତା କରନ୍ତି। ଭକ୍ତମାନେ ଯେଉଁ ଭାଷାରେ ପ୍ରାର୍ଥନା କଲେ ମଧ୍ୟ, ସୂକ୍ଷ୍ମସାଇ ତାର ଉତ୍ତର ଦିଅନ୍ତି। ଭଗବାନଙ୍କର ଅନୁଗ୍ରହର ସର୍ବୋଚ୍ଚ ନିଦର୍ଶନ ହେଲା ଆମକୁ ଭ୍ରମରୁ ମୁକ୍ତ କରି ବ୍ରହ୍ମଦର୍ଶନ କରାଇବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର - ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା - କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ।

ଦଶ ଅବତାର ଧାରଣାଟି ଜନ୍ମ ନେଇଛି ଷଷ୍ଠ ଶତାବ୍ଦୀରେ। ତା' ପୂର୍ବରୁ କୌଣସି ଶାସ୍ତ୍ରରେ ଦଶ ଜଣ ଅବତାର ବୋଲି କୁହାଯାଇନାହିଁ। କିନ୍ତୁ ବିଷ୍ଣୁପୁରାଣ ଏବଂ ଭାଗବତରେ ବିଷ୍ଣୁଙ୍କର ଚବିଶ ଅବତାର କଥା କୁହାଯାଇଛି। ଭଗବପତ ଗୀତା ଏବଂ ଦୁର୍ଗା ସପ୍ତସତୀ ଚଣ୍ଡୀରେ ଏପରି କୌଣସି ସଂଖ୍ୟାର ଉଲ୍ଲେଖ ନାହିଁ। ଉଭୟ ଗ୍ରନ୍ଥ ଅନୁଯାୟୀ ଯେତେବେଳେ ଧର୍ମର ଗ୍ଲାନି ଘଟେ ଏବଂ ଅଧର୍ମର ଶକ୍ତି ବଢ଼େ, ସେ ଆସନ୍ତି। ଏଥିରେ କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ନିର୍ଦ୍ଦିଷ୍ଟ ସଂଖ୍ୟାର ଉଲ୍ଲେଖ ନାହିଁ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ। ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ। ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ୍ୟ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧ୍ୟାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ। ତାଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ଆମେ ଭାବିପାରୁ ତାଙ୍କର ଚମତ୍କାରିତା ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ; ମାତ୍ର ତାହା ଠିକ ନୁହେଁ। ତାଙ୍କର ପ୍ରେମ ହିଁ ତାଙ୍କର ଦୈବତ୍ୱର ସଙ୍କେତ; ଯାହାକି ଲକ୍ଷ ଲକ୍ଷ ଭକ୍ତକୁ ତାଙ୍କ ପାଖକୁ ଟାଣିଆଣେ ଏବଂ ତାଙ୍କର କଲ୍ୟାଣ ସାଧନ କରେ। ଦେଶବିଦେଶରେ ଥିବା ସାଧକ, ଦୁଃଖୀ ଓ ଦୁର୍ଗତ ଲୋକଙ୍କ ପାଖକୁ ଘେନିଯାଏ - ଏହା ହିଁ ତାଙ୍କର ଦୈବତ୍ୱର ପ୍ରତ୍ୟକ୍ଷ ସଙ୍କେତ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସାଇବାବା'। ତାଙ୍କରି ଭାଷାରେ - 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।


*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୭୩୭୭୪୩୯୦୭୭*


## କଳୁଷିତ ରାଜନୀତି

**ଆଶୁତୋଷ ନାୟକ**

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର । ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସମ୍ପୂର୍ଣ୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଗରିବ ଓ ମଧ୍ୟବିତ୍ତ ପରିବାର ନିଜର ମୌଳିକ ଅଧିକାର ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ । ଆମ ରାଜ୍ୟ ଓଡିଶାରେ ୨୪ବର୍ଷ ଧରି ବିଜୁଜନତା ଦଳ ଶାସନ କ୍ଷମତାରେ ଥିଲା । ତଥାପି ରାଜ୍ୟର ୧୧ଟି ବୁଥରେ ପ୍ରାୟ ୧୦ହଜାର ଲୋକ ଭୋଟ ବର୍ଜନ କରିବା ଘଟଣା ଦୁର୍ଭାଗ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଏତିକି ସଂଖ୍ୟକ ଲୋକ କେବଳ ଭୋଟ ବର୍ଜନ କରିଛନ୍ତି ବୋଲି ସମସ୍ୟା କେବଳ ଏସବୁ ଅଞ୍ଚଳରେ ରହିଛି ଏହା କହିବା ନିଶ୍ଚିତ ଭାବେ ଅନ୍ୟାୟ ହେବ । ଏବେବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ମଧ୍ୟବିତ୍ତ ଲୋକଙ୍କ ପାଇଁ ନିଜର ମୌଳିକ ଅଧିକାର ପାଇବା ଦିବା ସ୍ୱପ୍ନ ସଦୃଶ । ନିଜର ପୁଞ୍ଜିଭୂତ ଅସନ୍ତୋଷକୁ ଜାହିର କରିବା ପାଇଁ ଏଇ ନିର୍ବାଚନରେ ସରକାର ପରିବର୍ତ୍ତନ ପାଇଁ ଭୋଟ ଦେଇଛନ୍ତି ।ଆଉ କିଛି ଲୋକ ସ୍ଥିତି ଅସହ୍ୟ ହେବାରୁ ଶେଷ ଉପାୟ ଭାବେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ ।

ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା । ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ । ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ୧ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା । ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ । କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା । ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ସେଥିପାଇଁ ଡ଼ିସେମ୍ବର୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗବେରନାନ୍ସ ଡ଼େ ଭାବେ ପାଳନ କରାଯାଉଛି । କିଛି ସୁବିଧାବାଦୀ, ସ୍ୱାର୍ଥବାଦୀ, କ୍ଷମତାଲୋଭୀ ରାଜନେତା ନିର୍ବାଚନ ପାଣିପାଗକୁ ଲକ୍ଷ୍ୟ କରି ଦଳ ପରିବର୍ତ୍ତନ କରୁଛନ୍ତି । ଏହିପରି ଅନେକ ଉଦାହରଣ ରହିଛି । ବର୍ତ୍ତମାନ ଏହିଭଳି ଘଟଣା ବାରମ୍ବାର ଘଟୁଛି । ଏହାର ଶ୍ରେଷ୍ଠ ଜ୍ୱଳନ୍ତ ଉଦାହରଣ ବିହାରର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ଦଳ ପରିବର୍ତ୍ତନ କରିବାରେ ସେ ବିଶ୍ୱରେକର୍ଡ ବନାଇଛନ୍ତି । ସେଥିପାଇଁ ରାଜନୀତିରେ ତାଙ୍କୁ ପଲଟୁ ରାମର ଆଖ୍ୟା ଦିଆଯାଇଛି। ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳ ମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦ କୋଟିରୁ ଅଧିକ ନଗଦ ଟଙ୍କା, ୧୨୬୦ କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା । ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ । ସେହିପରି ଆମ ରାଜ୍ୟରେ ୨୪ବର୍ଷ ଧରି ଶାସନ କ୍ଷମତାରେ ଥିବା ଗୋଟିଏ ଆଞ୍ଚଳିକ ଦଳ ବିଜେଡ଼ି କ୍ଷମତାଚ୍ୟୁତ ହୋଇଛି । ନିଜର ଏକଛତ୍ରବାଦୀ ନୀତି, ଅହଂକାର ପାଇଁ ବିଜେଡ଼ି ଦୁର୍ଗର ପତନ ଘଟିଛି । ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀର ସ୍ୱପ୍ନ ଦେଖୁଥିବା ନବୀନ ପଟ୍ଟନାୟକଙ୍କ ସବୁ ସ୍ୱପ୍ନ ଧୂଳିସାତ ହୋଇଯାଇଛି । ଜନତା ପରିବର୍ତ୍ତନ ପାଇଁ ନିଜର ମତାମତ ସାବ୍ୟସ୍ତ କରିଛନ୍ତି ଏହା ଅପ୍ରିୟ ସତ୍ୟ । ବର୍ତ୍ତମାନ ଉଭୟ ଆମ ରାଜ୍ୟ ଓ କେନ୍ଦ୍ରରେ ଦିଆଯାଇଥିବା ଜନାଦେଶକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏଯେ କେନ୍ଦ୍ରରେ ମୋଦି ସରକାରଙ୍କୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିନଥିବାରୁ ମିଳିତ ସହଯୋଗୀ ଦଳ ଏନଡ଼ିଏକୁ ନେଇ ସରକାର ଚଳାଇବାକୁ ପଡିବ । ନିର୍ବାଚନ ପ୍ରଚାର ସମୟରେ ବିଜେପିର ବଡ଼ ବଡ଼ ନେତା, ମନ୍ତ୍ରୀ, ଅବକି ବାର ୪୦୦ ପାରର ଡିଣ୍ଡିମ ପିଟୁଥିଲେ । ହେଲେ ବିଜେପି ନେତାଙ୍କର ଅତୀବ ଆତ୍ମବିଶ୍ୱାସ, ବିରୋଧୀ ଦଳଙ୍କୁ ହେୟଜ୍ଞାନ ମନେକରିବା ଯୋଗୁଁ ବହୁ ସଂଘର୍ଷ ପରେ ୨୪୦ଆସନ ଜିତିବାକୁ ସକ୍ଷମ ହୋଇଥିଲେ ।

ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ଓ୍ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୩୩୩ ଜଣ ପାର୍ଥୀ ଜାତୀୟ ଦଳରୁ, ୫୩୨ଜଣ କ୍ଷତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ । ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ ଜଣ ପାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା ।


ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପାର୍ଥୀଙ୍କ ନାମରେ ରହିଛି ସଙ୍ଗୀନ ଅପରାଧିକ ମାମଲା । ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି । ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶୃତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି । ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ । ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ । ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ । ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ । ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ । ସଦ୍ୟ ସମାପିତ ଲୋକସଭା ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ କରାଇବା କାର୍ଯ୍ୟ ନିର୍ବାଚନ କମିଶନଙ୍କ ହାତରେ ନ୍ୟସ୍ତ ଥାଏ । ନିର୍ବାଚନ ପ୍ରଚାର ସମୟରେ ହିଂସା, ଘୃଣା, ଧର୍ମ ଆଧାରରେ ବିଭାଜିତ ବୟାନବାଜି ପାଇଁ ଅନେକ ଅଭିଯୋଗ ନିର୍ବାଚନ କମିଶନଙ୍କ ପାଖରେ ହୋଇଥିଲା । ଅଭିଯୋଗର ତ୍ୱରିତ ସମାଧାନ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିର୍ବାଚନ କମିଶନ ସେତେଟା ସଫଳ ହୋଇପାରିନଥିଲେ । ବିରୋଧୀ ଦଳର ନେତାଙ୍କ ବିରୁଦ୍ଧରେ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା କିନ୍ତୁ ଶାସକ ଦଳର ନେତାଙ୍କ ପ୍ରତି ନରମଭାବ ପୋଷଣ କରିବା ନିର୍ବାଚନ କମିଶନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଗତ ଦିନର ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଶାସକଦଳ ଦ୍ୱାରା ସିବିଆଇ, ଇଡ଼ି, ପୋଲିସ ବିଭାଗର ବ୍ୟାପକ ଦୂରପଯୋଗ ହୁଏ ନିଜର ରାଜନୈତିକ ବିରୋଧୀମାନଙ୍କ ସ୍ୱରକୁ ଦବାଇବା ପାଇଁ ଓ ସେମାନଙ୍କୁ ଭୟଭୀତ କରିବା ପାଇଁ ଏବଂ ଏହା ସହିତ ଭୋଟ ବ୍ୟାଙ୍କ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ । ଏହା ଆମ ଗଣତନ୍ତ୍ର ପାଇଁ ଭୟଙ୍କର । ସେଥିପାଇଁ ମନମୋହନ ସିଂ ସରକାର ଶାସନ ସମୟରେ ୨୦୧୩ ମସିହାରେ ବିଚାରପତି ଆରଏମ୍ ଲୋଧାଙ୍କ ଖଣ୍ଡପୀଠ କୋଇଲା ଆବଣ୍ଟନ ଦୁନୀତି ମାମଲାରେ ସିବିଆଇ ଉପରେ କ୍ଷୁବ୍ଧ ହୋଇଥିଲେ ଏବଂ ସିବିଆଇ କାର୍ଯ୍ୟଦକ୍ଷତାକୁ ଲକ୍ଷ୍ୟକରି ପୋଷା ଶୁଆ ବୋଲି ମତବ୍ୟକ୍ତ କରିଥିଲେ । ସେତେବେଳେ ବିଭିନ୍ନ ମହଲରେ ସିବିଆଇକୁ ସମାଲୋଚିତ ହେବାକୁ ପଡିଥିଲା । ସିବିଆଇ ଏବଂ ଇଡ଼ି ପରି ତଦନ୍ତକାରୀ ସଂସ୍ଥାର ନିରପେକ୍ଷତା ଉପରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କିଛି ଦିନ ପୂର୍ବରୁ ନ୍ୟୁଜ କ୍ଲିକର ପ୍ରତିଷ୍ଠାତା ଓ ସମ୍ପାଦକ ପ୍ରବୀର ପୁରକାୟସ୍ଥଙ୍କୁ ୟୁଏପିଏ ମାମଲାରେ ଦିଲ୍ଲୀ ପୋଲିସର ଗିରଫଦାରୀକୁ ସୁପ୍ରିମକୋର୍ଟବେଆଇନ ବୋଲି ମତବ୍ୟକ୍ତ କରିଥିଲେ ଏବଂ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଗିରଫ ଦାୟିତ୍ୱରେ ଥିବା ତଦନ୍ତକାରୀ ସଂସ୍ଥାର ଆଚରଣ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା ।ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା ।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ । ଗଣତନ୍ତ୍ରରେ ବିରୋଧୀ ଦଳ ଶକ୍ତିଶାଳୀ ହେବା ଶୁଭ ସଂକେତ । ଏହାଦ୍ୱାରା ଗଣତନ୍ତ୍ର ମଜବୁତ, ସଶକ୍ତ ହୁଏ । ଗୁରୁତ୍ୱପୂର୍ଣ୍ଣ ବିଲ୍ଲପାସ କରିବାକୁ ହେଲେ ଏନଡ଼ିଏର ସହଯୋଗୀ ଦଳ ମାନେ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବେ । ସେଥିପାଇଁ ଶାସକ ଦଳକୁ ବିନମ୍ର ହୋଇ ସମସ୍ତଙ୍କ ସହଯୋଗରେ ଭାରତକୁ ଏକ ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ଆବଶ୍ୟକ । ମହାନ ଜନନାୟକ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ, ଉତ୍କଳ କେଶରୀ ଡ଼କ୍ଟର ହରେକୃଷ୍ଣ ମହତାବ, ମହାନ ରାଜନେତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପରି ରାଜନେତାଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ନୈତିକତାକୁ ପ୍ରାଧାନ୍ୟ ଦେଇ ଆମ ରାଷ୍ଟ୍ରର କଲ୍ୟାଣ ପାଇଁ ସବୁ ରାଜନେତାଙ୍କୁ କାର୍ଯ୍ୟ କରିବାକୁ ପଡିବ । ଭୋଟ ବ୍ୟାଙ୍କ ଏବଂ କାଦୁଅ ପିଙ୍ଗା ରାଜନୀତିରୁ ଦୂରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।


ଗୋପାଳପୁର, ବାଲେଶ୍ୱର,୭୦୨୦୬୧୧୩୦୦

# ବୈଚିତ୍ରା






## ଆସୁଛି ଗୋଲଡେନ୍ ଡୋମ୍

# ଆମେରିକା ବନିବ ଅଭେଦ୍ୟ ଦୁର୍ଗ

## କେହି କରିପାରିବନି ଆକାଶୀୟ ଆକ୍ରମଣ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଏକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବାକୁ ଯାଉଛନ୍ତି, ଯାହା ଆମେରିକା ଉପରେ ଯେକୌଣସି ଆକ୍ରମଣକୁ ରୋକିପାରିବ । ଏହି ସିଷ୍ଟମର ସବୁଠାରୁ ବଡ଼ ବିଶେଷତ୍ୱ ହେବ ଯେ ଏହା ମହାକାଶରୁ ଆସୁଥିବା ହାଇପରସୋନିକ୍ କ୍ଷେପଣାସ୍ତ୍ର ଆକ୍ରମଣରୁ ମଧ୍ୟ ଆମେରିକାକୁ ସୁରକ୍ଷା ଦେଇପାରିବ । ଏହା ଟ୍ରମ୍ପଙ୍କ ସପ୍ନର ପ୍ରକଳ୍ପ, ଯାହା ପାଇଁ ଅନେକ ଶହ ବିଲିୟନ ଡଲାର ଖର୍ଚ୍ଚ ହୋଇପାରେ । ସଦ୍ୟତମ ରିପୋର୍ଟ ଅନୁଯାୟୀ ଏବେ ଏହି ବିଶାଳ ପ୍ରକଳ୍ପର ଦାୟିତ୍ୱ ବିଶ୍ୱର ସବୁଠାରୁ ଧନୀ ବ୍ୟବସାୟୀ ଏଲୋନ ମସ୍କଙ୍କୁ ଦିଆଯାଇଛି ।

ଏବେ ଏଲୋନ ମସ୍କଙ୍କ କାମ ହେଉଛି ଏପରି ଏକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ତିଆରି କରିବା, ଯାହା ଆମେରିକାକୁ ଚୀନ୍, ରୁଷ କିମ୍ୱା ଯେକୌଣସି ଶତ୍ରୁ ଦେଶରୁ ଆସୁଥିବା ଆକାଶୀୟ ବିପଦରୁ ରକ୍ଷା କରିପାରିବ । ଏହି ପ୍ରକଳ୍ପ ଆରମ୍ଭ କରିବା ସକାଶେ ଟ୍ରମ୍ପ ଏକ ସରକାରୀ ଆଦେଶନାମାରେ ସ୍ୱାକ୍ଷର କରିଥିଲେ ଏବଂ କହିଥିଲେ ଯେ କ୍ଷେପଣାସ୍ତ୍ର ଆକ୍ରମଣ ଆମେରିକା ପାଇଁ ସବୁଠାରୁ ବଡ଼ ବିପଦ । ଏହି କାରଣରୁ ଆମେରିକା ନିଜକୁ ସୁରକ୍ଷା ଦେବା ପାଇଁ ଏହି ଉନ୍ନତ ପ୍ରଣାଳୀ ତିଆରି କରିବାକୁ ନିଷ୍ପତ୍ତି ନେଇଛି ।

ଡୋନାଲ୍ଡ ଟ୍ରମ୍ପ ଦୀର୍ଘ ଦିନ ଧରି ଇସ୍ରାଏଲର ବାୟୁ ପ୍ରତିରକ୍ଷା ପ୍ରଣାଳୀ 'ଆଇରନ୍ ଡୋମ୍'ର ଜଣେ ବଡ଼ ପ୍ରଶଂସକ ଅଟନ୍ତି । ପ୍ରାରମ୍ଭରେ ସେ ତାଙ୍କର ନୂତନ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ନାମ 'ଆଇରନ୍ ଡୋମ୍' ଭଳି ରଖିବା ବିଷୟରେ ମଧ କହିଥିଲେ । ଆମେରିକୀୟ ଅଧିକାରୀମାନେ କହିଥିଲେ ଯେ ସମାନ ନାମ ନେଇ କପିରାଇଟ୍ ଏବଂ ପେଟେଣ୍ଟ ସମସ୍ୟା ଉପୁଜିପାରେ । ତେଣୁ ସେମାନେ ନାମ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ । ତଥାପି ଏହି ନୂତନ ବ୍ୟବସ୍ଥା ଆଇରନ ଡୋମଠାରୁ ଭିନ୍ନ ହେବ ଏବଂ ଏହି ପ୍ରକାରର ଏକ ଅନନ୍ୟ ଆଉ ଅସାଧାରଣ ପ୍ରତିରକ୍ଷା ବ୍ୟବସ୍ଥା ହେବ । ଏହା ଆକ୍ରମଣକୁ ପ୍ରତିହତ କରିବା ସହିତ ସଠିକ୍ ଲକ୍ଷ୍ୟଭେଦୀ ଆକ୍ରମଣ ମଧ୍ୟ କରିପାରିବ ।








### ଟ୍ରମ୍ପଙ୍କୁ ଇସ୍ରାଏଲର ଆଇରନ ଡୋମ ପସନ୍ଦ

ଡୋନାଲ୍ଡ ଟ୍ରମ୍ପ ଦୀର୍ଘ ଦିନ ଧରି ଇସ୍ରାଏଲର ବାୟୁ ପ୍ରତିରକ୍ଷା ପ୍ରଣାଳୀ 'ଆଇରନ୍ ଡୋମ୍'ର ଜଣେ ବଡ଼ ପ୍ରଶଂସକ ଅଟନ୍ତି । ପ୍ରାରମ୍ଭରେ ସେ ତାଙ୍କର ନୂତନ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ନାମ 'ଆଇରନ୍ ଡୋମ୍' ଭଳି ରଖିବା ବିଷୟରେ ମଧ କହିଥିଲେ । ଆମେରିକୀୟ ଅଧିକାରୀମାନେ କହିଥିଲେ ଯେ ସମାନ ନାମ ନେଇ କପିରାଇଟ୍ ଏବଂ ପେଟେଣ୍ଟ ସମସ୍ୟା ଉପୁଜିପାରେ । ତେଣୁ ସେମାନେ ନାମ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ । ତଥାପି ଏହି ନୂତନ ବ୍ୟବସ୍ଥା ଆଇରନ ଡୋମଠାରୁ ଭିନ୍ନ ହେବ ଏବଂ ଏହି ପ୍ରକାରର ଏକ ଅନନ୍ୟ ଆଉ ଅସାଧାରଣ ପ୍ରତିରକ୍ଷା ବ୍ୟବସ୍ଥା ହେବ । ଏହା ଆକ୍ରମଣକୁ ପ୍ରତିହତ କରିବା ସହିତ ସଠିକ୍ ଲକ୍ଷ୍ୟଭେଦୀ ଆକ୍ରମଣ ମଧ୍ୟ କରିପାରିବ ।

ଇସ୍ରାଏଲୀ ଆଇରନ ଡୋମ୍ କେବଳ ସେହି କ୍ଷେପଣାସ୍ତ୍ରଗୁଡ଼ିକୁ ପ୍ରତିହତ କରେ, ଯାହା ଲୋକଙ୍କ ପାଇଁ ସିଧାସଳଖ ବିପଦ ସୃଷ୍ଟି କରିପାରେ । ଯଦି ଏକ କ୍ଷେପଣାସ୍ତ୍ର କ୍ଷତି ପହଞ୍ଚାଇ ପାରିବ ନାହିଁ, ତେବେ ଆଇରନ ଡୋମ୍ ଏହାକୁ ରୋକିନଥାଏ । କିନ୍ତୁ ଟ୍ରମ୍ପଙ୍କ 'ଗୋଲଡ୍ଡେନ ଡୋମ୍' ତାହା କରିବନାହିଁ । ଏହା ଆସୁଥିବା ପ୍ରତ୍ୟେକ କ୍ଷେପଣାସ୍ତ୍ରକୁ ରୋକି ଧ୍ୱସ୍ତ କରିବ, ତାହା ଯେତେ ବିପଦଜନକ ହେଉ କି ନ ହେଉ ।

### ଗୋଲଡେନ୍ ଡୋମ୍ ର କାର୍ଯ୍ୟକ୍ରମ କଣ ?

ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଏହା ଏକ ସାଟେଲାଇଟ୍ ନେଟୱାର୍କ ହେବ ଯାହା କ୍ଷେପଣାସ୍ତ୍ରଗୁଡ଼ିକୁ ଶୀଘ୍ର ଚିହ୍ନଟ କରିବା, ସେମାନଙ୍କର ଦିଗକୁ ଟ୍ରାକ୍ କରିବା ଏବଂ ସେଗୁଡ଼ିକ ଆମେରିକା ଆଡକୁ ଆସୁଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ କାମ କରିବ ।

### ୨୦୩୦ ସୁଦ୍ଧା ପ୍ରସ୍ତୁତ ହେବ

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏଲୋନ ମସ୍କଙ୍କ କମ୍ପାନୀ ସ୍ପେସ ଏକ୍ସ ଏହି ଉପଗ୍ରହଗୁଡ଼ିକରେ ସ୍ଥାପିତ ହେବାକୁ ଥିବା ଅସ୍ତ୍ରଶସ୍ତ୍ର ନିଜେ ନିର୍ମାଣ କରିବ ନାହିଁ । ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ 'ଗୋଲଡ୍ଡେନ ଡୋମ୍' ସିଷ୍ଟମ ନିର୍ମାଣ ପାଇଁ ଶହ ଶହ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ ହୋଇପାରେ । ପେଣ୍ଟାଗନ ନିଷ୍ପତ୍ତି ନେଇଛି ଯେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୩୦ ପୂର୍ବରୁ ସମାପ୍ତ ହେବା ଉଚିତ । ସ୍ପେସ ଏକ୍ସ ଆକଳନ କରିଛି ଯେ ଉପଗ୍ରହଗୁଡ଼ିକର 'କଷ୍ଟଡି ସ୍ତର' ତଥା ନିରୀକ୍ଷଣ ଅଂଶର ପ୍ରାରମ୍ଭିକ ଇଞ୍ଜିନିୟରିଂ ଏବଂ ଡିଜାଇନ୍ ପାଇଁ ପ୍ରାୟ ୬ ରୁ ୧୦ ବିଲିୟନ ଡ଼ଲାର ତଥା ଭାରତୀୟ ମୁଦ୍ରାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ।

### ସୁବର୍ଣ୍ଣ ଗମ୍ବୁଜ କିପରି କାମ କରିବ ?

ଲେଜର ଅସ୍ତ୍ର- ଗୋଲଡେନ୍ ଡୋମରେ ସ୍ୱତନ୍ତ୍ର ଲେଜର ଅସ୍ତ୍ର Directed Energy Weapons ତଥା ନିର୍ଦ୍ଦେଶିତ ଶକ୍ତି ଅସ୍ତ୍ର) ରହିବ, ଯାହା ଆଲୋକ ବେଗରେ ଉଡ଼ିଆସୁଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନଗୁଡ଼ିକୁ ତୁରନ୍ତ ଟାର୍ଗେଟ କରି ଖସାଇ ଦେବ ।

ଏ,ଆଇ, ଚାଳିତ ସେନ୍ସର ନେଟୱାର୍କ - ଏଲୋନ ମସ୍କଙ୍କ କମ୍ପାନୀ ସ୍ପେସ ଏକ୍ସକୁ 'ଗୋଲଡ୍ଡେନ ଡୋମ୍' ନିର୍ମାଣର ଠିକା ତଥା ଚୁକ୍ତିନାମା ମିଳିଛି । ଏହି ପ୍ରକଳ୍ପରେ Space X ସହିତ ଅନ୍ୟ ଦୁଇଟି କମ୍ପାନୀ - ପାଲାଣ୍ଟିର (ଯିଏକି ସଫ୍ଟୱେର୍ ତିଆରି କରେ) ଏବଂ ଏଣ୍ଡୁରିଲ୍ (ଯିଏକି ଡ୍ରୋନ୍ ତିଆରି କରେ) କାମ କରିବେ । ଏହି ତିନୋଟି କମ୍ପାନୀ ଏପରି ଲୋକଙ୍କର ଅଟେ, ଯେଉଁମାନେ ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ସମର୍ଥକ ଅଟନ୍ତି । ଆଜି ପର୍ଯ୍ୟନ୍ତ ତିଆରି ହୋଇଥିବା ଯେକୌଣସି ପ୍ରଯୁକ୍ତିବିଦ୍ୟା ଅପେକ୍ଷା ଗୋଲଡେନ୍ ଡୋମ୍ ବହୁତ ଭିନ୍ନ ଧରଣର ଏବଂ ବହୁତ ଉନ୍ନତ ମାନର ହେବ । ଏହାର ପରିସର ଏତେ ଅଧିକ ହେବ ଯେ ଏପର୍ଯ୍ୟନ୍ତ ବିଶ୍ୱର କୌଣସି କ୍ଷେପଣାସ୍ତ୍ର ପ୍ରଣାଳୀ ଏତେ ଦୂର ପର୍ଯ୍ୟନ୍ତ ପହଞ୍ଚିପାରିନାହିଁ । ଏଲୋନ ମସ୍କଙ୍କ କମ୍ପାନୀ ଏହି ସିଷ୍ଟମକୁ ଏପରି ଭାବରେ ବିକଶିତ କରୁଛି ଯେ ଏହା ଆମେରିକାକୁ ହାଇପରସୋନିକ୍ ମିସାଇଲ୍, ଏକକାଳୀନ ଡ୍ରୋନ୍ ଆକ୍ରମଣ (ଡ୍ରୋନ୍ ସ୍ୱାମର୍ସ) ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ତଥା କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧୀୟ ଯେକୌଣସି ବିପଦରୁ ଆମେରିକାକୁ ରକ୍ଷା କରିପାରିବ ।

ଏହି ପ୍ରକଳ୍ପ ଅଧୀନରେ ଏଲୋନ ମସ୍କଙ୍କ କମ୍ପାନୀ ସ୍ପେସଏକ୍ସ ୧ ହଜାରରୁ ଅଧିକ ଉପଗ୍ରହ ତିଆରି କରିବ । ଏହି ଉପଗ୍ରହଗୁଡ଼ିକର କାମ ପୃଥିବୀ ଚାରିପାଖରେ ଘୂରି ବୁଲିବା ଏବଂ ଆମେରିକା ଆଡ଼କୁ କୌଣସି ବିପଦ ଆସୁଛି କି ନାହିଁ ତାହା ଉପରେ ନଜର ରଖିବା ହେବ । ଯଦି ଆମେରିକା ପ୍ରତି କୌଣସି ବିପଦ ଆସେ, ତେବେ ଏହି ଉପଗ୍ରହଗୁଡ଼ିକ ତୁରନ୍ତ ଏହାକୁ ଚିହ୍ନଟ କରିବେ ସେଗୁଡିକୁ ତୁରନ୍ତ ଆକ୍ରମଣ କରି ଧ୍ୱଂସ କରିବେ ।

ଏହା ବ୍ୟତୀତ ଏପରି ୨ ଶହଟି ଅତି ଉନ୍ନତ ମାନର ସେଟେଲାଇଟ ତଥା ଉପଗ୍ରହ ମଧ ରହିବ, ଯାହା କ୍ଷେପଣାସ୍ତ୍ର ଏବଂ ଲେଜର ସହିତ ସୁସଜ୍ଜିତ ହେବ । ସେମାନଙ୍କର କାମ ହେବ ଶତ୍ରୁପକ୍ଷର କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ଖସାଇ ଦେବା । ଏହାର ଅର୍ଥ ହେଉଛି ଯେ ଉପରୁ ଆମେରିକା ଉପରେ ଯେକୌଣସି କ୍ଷେପଣାସ୍ତ୍ର ଆକ୍ରମଣ ପ୍ରାୟ ଅସମ୍ଭବ ହୋଇଯିବ । ରିପୋର୍ଟ ଅନୁସାରେ, ଝଣ୍ଟବମରଢ 'କଷ୍ଟଡି ଲେୟାର' ନାମକ ସିଷ୍ଟମର ଏକ ଅଂଶ ବିକଶିତ କରୁଛି ।

ଡୋନାଲ୍ଡ ଟ୍ରମ୍ପ ଦୀର୍ଘ ଦିନ ଧରି ଇସ୍ରାଏଲର ବାୟୁ ପ୍ରତିରକ୍ଷା ପ୍ରଣାଳୀ 'ଆଇରନ୍ ଡୋମ୍'ର ଜଣେ ବଡ଼ ପ୍ରଶଂସକ ଅଟନ୍ତି । ପ୍ରାରମ୍ଭରେ ସେ ତାଙ୍କର ନୂତନ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ନାମ 'ଆଇରନ୍ ଡୋମ୍' ଭଳି ରଖିବା ବିଷୟରେ ମଧ କହିଥିଲେ । ଆମେରିକୀୟ ଅଧିକାରୀମାନେ କହିଥିଲେ ଯେ ସମାନ ନାମ ନେଇ କପିରାଇଟ୍ ଏବଂ ପେଟେଣ୍ଟ ସମସ୍ୟା ଉପୁଜିପାରେ । ତେଣୁ ସେମାନେ ନାମ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ । ତଥାପି ଏହି ନୂତନ ବ୍ୟବସ୍ଥା ଆଇରନ ଡୋମଠାରୁ ଭିନ୍ନ ହେବ ଏବଂ ଏହି ପ୍ରକାରର ଏକ ଅନନ୍ୟ ଆଉ ଅସାଧାରଣ ପ୍ରତିରକ୍ଷା ବ୍ୟବସ୍ଥା ହେବ । ଏହା ଆକ୍ରମଣକୁ ପ୍ରତିହତ କରିବା ସହିତ ସଠିକ୍ ଲକ୍ଷ୍ୟଭେଦୀ ଆକ୍ରମଣ ମଧ କରିପାରିବ ।

ଏଥିରେ ଏକ କୃତ୍ରିମ ବୁଦ୍ଧିମତ୍ତା (ଇଓ) ଆଧାରିତ ସେନ୍ସର ସିଷ୍ଟମ ରହିବ ଯାହା ସବୁ ପାର୍ଶ୍ୱରୁ (୩୬୦ ଡିଗ୍ରୀ) ବିପଦକୁ ଚିହ୍ନଟ କରିପାରିବ ।

ମଲ୍ଟି-ଲେୟର ଇଣ୍ଟରସେପ୍ଟର- ଏଥିରେ ବିଭିନ୍ନ ସ୍ତରର ପ୍ରତିରକ୍ଷା ବ୍ୟବସ୍ଥା ରହିବ, ଯାହା କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ରକୁ ରୋକିବା ପାଇଁ କାମ କରିବ ।

ମହାକାଶ-ଭିତ୍ତିକ ସତର୍କତା ପ୍ରଣାଳୀ- ମହାକାଶରେ ଥିବା ଏହି ପ୍ରଣାଳୀ ଯେକୌଣସି ବିପଦକୁ ପୂର୍ବରୁ ଚିହ୍ନଟ କରିବ ଏବଂ ଆମେରିକାକୁ ସତର୍କ କରିବ ।

ପ୍ରଥମେ କେଉଁ ସ୍ଥାନଗୁଡ଼ିକରେ ମୁତୟନ ହେବ - ପ୍ରାରମ୍ଭିକ ଭାବରେ ଏହା ହ୍ୱାଇଟ୍ ହାଉସ୍, ପେଣ୍ଟାଗନ୍ ଏବଂ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସେଠାରେ ଏହି ସିଷ୍ଟମ୍ ସ୍ଥାପନ କରାଯିବ ।

### ଭାରତକୁ ମିଳିବ ଏହି ଗୋଲଡେନ୍ ଡୋମ୍ ପ୍ରଣାଳୀ

ଅନ୍ୟ ଦେଶମାନଙ୍କ ସହିତ ସହଭାଗୀତା - ଭବିଷ୍ୟତରେ ଆମେରିକା ଏହାର ଉନ୍ନତ ସଂସ୍କରଣକୁ ନାଟୋ ଦେଶଗୁଡ଼ିକ, ଇସ୍ରାଏଲ, ଜାପାନ ଏପରିକି ଭାରତକୁ ଯୋଗାଇପାରେ ବୋଲି ଜଣାଯାଇଛି ।

### ଆମେରିକା କାହିଁକି ଏହି ପଦକ୍ଷେପ ନେଲା ?

ଆମେରିକା 'ଗୋଲଡ୍ଡେନ ଡୋମ୍' ନିର୍ମାଣ କରିବାର କାରଣ ହେଉଛି ଯେ ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ଏପରି କୌଣସି ଆକାଶୀୟ ପ୍ରତିରକ୍ଷା ବ୍ୟବସ୍ଥା ନାହିଁ, ଯାହା ହାଇପରସୋନିକ୍ କ୍ଷେପଣାସ୍ତ୍ର ବିରୁଦ୍ଧରେ ସୁରକ୍ଷା ଦେଇପାରିବ । ଉଲ୍ଲେଖନୀୟ ଯେ ଚୀନ୍ ଏବଂ ରୁଷ ପାଖରେ ଏପରି ବିପଦପୂର୍ଣ୍ଣ ହାଇପରସୋନିକ୍ କ୍ଷେପଣାସ୍ତ୍ର ଅଛି । ଏହା ବ୍ୟତୀତ ଉନ୍ନତ ମାନର ଡ୍ରୋନ ମଧ୍ୟ ତିଆରି ହେଉଛି ଏବଂ ଚୀନ୍ ମଧ୍ୟ ମହାକାଶରୁ ଆକ୍ରମଣ କରିବା ପାଇଁ କ୍ଷେପଣାସ୍ତ୍ର ପ୍ରସ୍ତୁତ କରୁଛି । ଏପରି ପରିସ୍ଥିତିରେ ଆମେରିକା ନିଜକୁ ସୁରକ୍ଷା ଦେବା ପାଇଁ ବିଶ୍ୱର ସବୁଠାରୁ ଉନ୍ନତ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି । ଏହି କାରଣରୁ 'ଗୋଲଡ୍ଡେନ ଡୋମ'କୁ ଏକ ସାଧାରଣ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ନୁହେଁ, ବରଂ ଭବିଷ୍ୟତରେ ଆମେରିକା ପାଇଁ ଏକ ଦୃଢ଼ ସୁରକ୍ଷା କବଚ ବୋଲି କୁହାଯାଉଛି ।

ମାତୃଭାଷା

# ସାହିତ୍ୟ



## ଭଲପାଇବା ଓ ଆଶୀର୍ବାଦ

କରି ପ୍ରଚେଷ୍ଟା, ଉଦ୍ୟମ ଅନେକ
ହୋଇ କେତେ ରାତି ଉଜାଗର,
ହଜିଯାଏ ଆଲୁଳାୟିତ ଭାବନାରେ
ଚାଲେ ଲେଖନୀ ଅବିରତ, ନିରନ୍ତର ।
ପ୍ରତିଦାନେ ନା' ମୁଁ ପାଇଲି ଘର
ନା କଲି ଟଙ୍କା ରୋଜଗାର,
ରହିଗଲି ଦାରିଦ୍ର୍ୟ ରେଖା ତଳେ
ବଦଳିଲା ନାହିଁ ଆର୍ଥିକ ଚିତ୍ର
ନା ମିଳିଲା ମୋତେ ପୁରସ୍କାର ।
ତଥାପି ମୁଁ କରୁ ନାହିଁ ଦୁଃଖ
ଊଣା ହେଉ ନାହିଁ ମନ ମୋର,
ମିଳିଲା ଏପରି ବହୁମୂଲ୍ୟ ଜିନିଷ
ଯାହାକୁ କେହି କରି ନପାରିବେ ଚୋରି
ନା ଅଛି ଡର ସେ ହଜିବାର ।
ତାକୁ ନା କିଣି ହେବ ଧନରେ
ନା ସେ ମିଳିବ ବଜାରରେ,
ସେ ଅଟେ ସ୍ୱତନ୍ତ୍ର, ସମ୍ପତ୍ତି ଅମୂଲ୍ୟ
ପ୍ରତିଦାନ ନାହିଁ କିଛି ଯାର,
ହେଉଛି ସେ..
ଆଶୀର୍ବାଦ ଓ ଭଲପାଇବା ନିଃସ୍ୱାର୍ଥ
ଅଚିହ୍ନା ପାଠକ ହୃଦୟର ।

*ରାକେଶ ପଣ୍ଡା*
*ବନ୍ଦାଳୋ, ଟାଙ୍ଗୀ, କଟକ-୭୫୪୦୨୨*
*ମୋ: ୯୩୩୭୮୯୭୬୫୦*

## ଜୀବନ ଏମିତି ଗୀତଟିଏ

ଜୀବନ ଏମିତି ଗୀତଟିଏ
କେବେ ଛନ୍ଦ କେବେ ଛନ୍ଦହରା
ଜୀବନ ଏମିତି ମିତଟିଏ
କେବେ ଲୁହ କେବେ ମଧୁଝରା ।
ଜୀବନ ଏମିତି ନଈଟିଏ
କେବେ ଭଟ୍ଟା କେବେତ ଜୁଆର
ମାଡିଆସେ ଦୁଃଖର ପାହାଡ଼
କେବେ ଶ୍ରାବଣର ଲୁହଧାର ।
ଜୀନ ଏମିତି ପଥଟିଏ
କେବେ ଅଙ୍କାବଙ୍କା କେବେ ସିଧା
ହାରିବା ଜିତିବା ଲାଗିଥାଏ
ଜୀବନରେ ଆସୁ ଯେତେ ବାଧା ।
ଜୀବନ ଏମିତି ନାଟକଟେ
ହୋଇଥାଏ ଦେହ ରଙ୍ଗଭରା
ସଙ୍ଗୀତର ମିଠା ରାଗିଣୀ ସେ
ଜୀବନଟା ହୁଏ ମଧୁଝରା ।
ଜୀବନ ଏମିତି ଫୁଲଟିଏ
କେବେ ବାସ କେବେ ଗନ୍ଧହରା
କେବେସେ ଫୁଲର ଫଗୁଣ
କେବେ ବୈଶାଖର ଡହଖରା ।
ଜୀବନ ଏମିତି ଗପଟିଏ
ସରଳ କେବେ ସେ ଛାତିଥରା
ଆଣଇ ଜୀବନେ ହସ ଖୁସି
କେବେ କରିଦିଏ କୋହଭରା ।

*ନଳିନୀ ଦାଶ, ଭିକାରିପଡା,*
*ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## କିମ୍ବଦନ୍ତୀ

ଜୀବନର ଭଗ୍ନାଂଶ କୁ
କେତେ ଦିନ ଯାଏ କୁହ
ଧରୁଥିବି ସାଉଁଟି ।
ସେଇମାନଙ୍କୁ ନେଇ
ତୁମ ସମ୍ପର୍କ ସହ କରୁଥିବି
ଯୋଗ, ବିୟୋଗ, ଗୁଣନ, ହରଣ
ନିଜର ସ୍ମୃତିର ଆଧାର
ଏବେ ଯାଏ ଧୂଳିରେ ଲୋଟି
ସ୍ୱପ୍ନର ସିଆର ସବୁକୁ
ଧୀରେ ଧୀରେ କଲାଣି ଅସ୍ୱଷ୍ଟ ।
ସମୟର ଧାର ତଥାପି ତହିଁରେ
ବହିଯାଏ କୁନୁଛେଇ କୁନୁଛେଇ ।
ଆଶା, ଆସକ୍ତିର
ସୀମାନ୍ତ ଦେଖାଯାଏ ନାହିଁ ।
କୋଟରା ଗତ ଚକ୍ଷୁ କୋଣରେ
ତଥାପି ଉଙ୍କି ମାରନ୍ତି
ଅଲାଜୁକ ଶୋଷ
ଆଉ ଅନାକାଙ୍କ୍ଷିତ ଅବସୋସ ।
ତୁମ ପ୍ରତି ବିଶ୍ୱାସ
ଏବେ ଏ ବୈଶାଖେ ସାଜିଛି ବତାସ ।
ଅନ୍ତିମ ପ୍ରତୀକ୍ଷାର ନିର୍ଯ୍ୟାସ
ବୋଧହୁଏ ରୁପ ନେବ ହୋଇ କିମ୍ବଦନ୍ତୀ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ବାଜେ କବିଟିଏ ମୁଁ

ତୁମରି ନାଆଁରେ କବିତା ଲେଖିଲେ
ଲୋକେ କହୁଛନ୍ତି ବାଜେ
ତୁମକୁ କହିଲେ ତୁମେ ରାଗିଯାଅ
ହସ ପୁଣି ଲାଜେଲାଜେ ।
ସତରେ ତୁମରି ରୂପରଙ୍ଗ ନେଇ
ଯେତେକ କବିତା ଲେଖା
ସେହି କବିତାରେ ତୁମ ସାଥେ ମୋର
ପ୍ରତି ପଦେ ହୁଏ ଦେଖା
ଭାରି ଆନମନା ହୋଇଯାଏ ମୁହିଁ
ପାଗଳ ପ୍ରେମିକ ସାଜେ ।
ସେ କବିତା ପଢ଼ି ତୁମେ ଖୁସିହୁଅ
କୁହ, 'ଆଉ ଲେଖ କବି
ପ୍ରତି କବିତାରେ ଆଙ୍କିଦେଇ ଯାଅ
ମୋ ରୂପ ମାଧୁରୀ ଛବି
ସେପରି ଲେଖିଲେ ତୁମେ ପାଠକଲେ
ତୁମ ଅଭିମାନ ଭାଜେ ।
ଲୋକମାନେ ମୋତେ ଟିପ୍ପଣୀ କରନ୍ତି
କେଉଁ କବିରେ ମୁଁ ଗଣା
ଦୁନିଆ ଆଖିରେ ମୁହିଁ ହୋଇଅଛି
ଗୋଟାପଣେ ବାଟବଣା
ସବୁ ଶୁଣି ମୁହିଁ ନିରବ ରହଇ
କଥାକୁ ଜମା ନ ମାଜେ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ - ୯୯୩୮୭୪୧୫୮୩*

## ସର୍ବହରା



ଡାକ୍ତର ସୂର୍ଯ୍ୟକାନ୍ତ ମହାପାତ୍ର । ଏକଦା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଶରତଠାରେ ହୋମିଓପ୍ୟାଥିକ ଔଷଧ ଦୋକାନଟିଏ କରି ପ୍ରଚୁର ଅର୍ଥ ଉପାର୍ଜନ କରୁଥିଲେ । ଲୋକେ କହୁଥିଲେ ତାଙ୍କ ହାତରେ ମୃତ୍ୟୁ ସଂଜୀବନୀ ଅଛି । ଯେ କୌଣସି ରୋଗୀକୁ ମୃତ୍ୟୁ ମୁହଁରୁ ଟାଣି ଆଣିବାର କ୍ଷମତା ତାଙ୍କର ଅଛି । ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଡାକ୍ତରବାବୁ ବୋଲି ଡାକୁଥିଲେ । ସ୍ୱଳ୍ପ ସମୟ ମଧ୍ୟରେ ଶରତରେ ଟାଇଲି ଛପର ଥିବା ପକ୍କା ଘରଟିଏ ନିର୍ମାଣ କରି ସପରିବାର ବେଶ ସୁଖରେ ରହୁଥିଲେ ।

ଭଗବାନ ଉପରକୁ ଉଠିବା ପାଇଁ ସାହାଯ୍ୟ କରନ୍ତି । ତଳକୁ ଖସିବା ପାଇଁ ବାଟଟିଏ ବି କରିଥାନ୍ତି । ଯେତେବେଳେ ମଣିଷ ଗର୍ବରେ ଫୁଲି ଉଠେ ସେତେବେଳେ ତାକୁ ତଳକୁ ଖସିବା ପାଇଁ ବାଟଟି ଦୃଶ୍ୟମାନ ହୁଏ । କିଛିଦିନ ପରେ ସେହି ଅଞ୍ଚଳର ଜଣେ ସୁନ୍ଦରୀ ହରିଜନ ସ୍ତ୍ରୀ ହେମଲତାର ପ୍ରେମରେ ପଡିଯାନ୍ତି ସୂର୍ଯ୍ୟକାନ୍ତ । ଜଙ୍ଗଲ ଅଞ୍ଚଳରେ ବିଭିନ୍ନ ରୋଗୀଙ୍କୁ ଦେଖିସାରିବା ପରେ କ୍ଲାନ୍ତଶ୍ରାନ୍ତ ହୋଇ ନିଜ ଘରକୁ ନଆସି ହେମଲତା ଘରେ ବିଶ୍ରାମ ନିଅନ୍ତି । ହେମ ସୋରିଷ ତେଲରେ ରସୁଣ ଫୁଟାଇ ସୂର୍ଯ୍ୟକାନ୍ତ ଦେହରେ ମାଲିସ କରନ୍ତି । ମାଲିସର ମଜା ନେଉ ନେଉ ସୂର୍ଯ୍ୟକାନ୍ତ ହେମକୁ କହନ୍ତି - ଟଙ୍କାଥଳି ଟା ହେମନ୍ତ ହାତରେ ଆମ ଘରକୁ ପଠାଇ ଦିଅ । କହିବ ଆମେ ଯିବା ପର୍ଯ୍ୟନ୍ତ ସେ ଆମ ଘରେ ଅପେକ୍ଷା କରି ରହିଥିବ । ରାତିରେ ପୁରୀ ଆଳୁ ଦମ୍ ହେବ । ଆମେ ଘରକୁ ଗଲା ବେଳେ ଗରମ ମିଠା ନେଇ ଯିବା । ସମସ୍ତେ ରାତିରେ ମିଳି ମିଶି ଖାଇବା ।

ହେମଲତା ଟଙ୍କା ଥଳୀ ଧରି ବାହାରକୁ ଆସନ୍ତି । ସେଥିରୁ କିଛି ଟଙ୍କା କାଢି ନେଇ ଆଲାମିରା ଭିତରେ ରଖନ୍ତି । ତାପରେ ହେମନ୍ତଙ୍କୁ କହନ୍ତି - ତମେ ଏ ଟଙ୍କା ଥଳୀ ନେଇ ଭାଉଜଙ୍କୁ ଦେବ । ତାଙ୍କୁ କହିବ ପୁରୀ ଆଳୁ ଦମ୍ ପ୍ରସ୍ତୁତ କରି ଆମକୁ ଅପେକ୍ଷା କରିବେ । ତମେ ବି ସେଠାରେ ରହିଥିବ । ଖାଇସାରିବା ପରେ ଆମେ ଘରକୁ ଫେରି ଆସିବା ।

ହେମନ୍ତ ଯିବା ପରେ କବାଟ ବନ୍ଦ କଲେ ହେମଲତା । ତାପରେ ଶୋଇବା ଘରେ ଥିବା ସୂର୍ଯ୍ୟକାନ୍ତଙ୍କ ପାଖକୁ ଯାଇ ଦେହ ମାଲିସ କାମରେ ଲାଗି ପଡିଲେ ।

ଏମିତି କିଛି ମାସ ବିତି ଯିବା ପରେ ହେମଲତା ଗର୍ଭବତୀ ହେବାର ଚାପା ଗୁଞ୍ଜନ ଚାରିଆଡ଼େ ଖେଳିଗଲା ।ଖଳ ପ୍ରକୃତି ଲୋକ କହିଲେ - ବିବାହର ଦଶ ବର୍ଷ ପର୍ଯ୍ୟନ୍ତ ବନ୍ଧ୍ୟା ଅପବାଦ ମୁଣ୍ଡାଇ ଥିବା ନାରୀଟି ହଠାତ୍ ଫଳବତୀ ହୋଇ ପାରିଲା କେମିତି ।ଏଥିରେ ଆମ ଡାକ୍ତର ବାବୁଙ୍କ ହାତ ନାହିଁ ତ । ମଧ୍ୟ ବୟସ୍କ ଭଦ୍ର ଲୋକ ଜଣେ କହିଲେ - ଆରେ ଡାକ୍ତର ବାବୁ ଦେବତା ଭଳି ଲୋକ । ତାଙ୍କୁ ମିଛ ଅପବାଦ ଦିଅ ନାହିଁରେ ।ଧର୍ମ ସହିବ ନାହିଁ ।

ସେହି ସମୟରେ ବାଲେଶ୍ୱରରେ ଜମି ବନ୍ଦବୋସ୍ତ କାର୍ଯ୍ୟ ଆରମ୍ଭ ହେଲା । ସୂର୍ଯ୍ୟକାନ୍ତ ସେ ସମ୍ବନ୍ଧରେ କିଛି ବୁଝିବାକୁ ଆଗ୍ରହୀ ନଥିଲେ । ଦିନେ ସ୍ତ୍ରୀ ପଦ୍ମିନୀକୁ ଡାକି କହିଲେ - ତୁମେ ବାଲେଶ୍ୱର ଯାଇ ଜମିବାଡ଼ି ସଂକ୍ରାନ୍ତରେ ବୁଝାବୁଝି କର । ସେଠାରେ ବାପା ଅଛନ୍ତି .. ତେଣୁ ତମର କିଛି ଅସୁବିଧା ହେବ ନାହିଁ । ପଦ୍ମିନୀଙ୍କ ଶିକ୍ଷା ଗତ ଯୋଗ୍ୟତା ପ୍ରଥମ ଶ୍ରେଣୀ ପାସ୍ । ଠିକ୍ ଭାବେ ନାଁ ଦସ୍ତଖତ କରି ପାରନ୍ତି ନାହିଁ । ତେଣୁ ସେ ଯିବା ପାଇଁ ଅମଙ୍ଗ ହୋଇ କହିଲେ - ମୋତେ ତ କିଛି ଜଣା ନାହିଁ । ମୁଁ ଯାଇ କଣ କରିବି । ତମେ ଗଲେ ସିନା ହୁଅନ୍ତା । ସୂର୍ଯ୍ୟକାନ୍ତ ନାଲି ଆଖି ଦେଖାଇ କହିଲେ - ମୁଁ ଗଲେ ଏ ପେଟେ ହଜାର ହଜାର ଟଙ୍କା ବରବାଦ । ପଦ୍ମିନୀ ଡରିଡରି କହନ୍ତି ମୁଁ ଗଲେ ତମର ଖାଇବାରେ ଅସୁବିଧା ହେବ ନାହିଁ କି । ସୂର୍ଯ୍ୟ କାନ୍ତ କହନ୍ତି - ତମର କିଛି ବ୍ୟସ୍ତ ହେବାର ନାହିଁ । ତମ ଅବର୍ତ୍ତମାନରେ ସବୁ କାମ ତୁଲାଇବ ହେମଲତା । ପୁଣି ପଦ୍ମିନୀ ପଚାରନ୍ତି - ଜଣେ ହରିଜନ ସ୍ତ୍ରୀ ଲୋକ ରାନ୍ଧିଲେ ତମେ ବ୍ରାହ୍ମଣ ହୋଇ ଖାଇବ କିପରି । ସୂର୍ଯ୍ୟକାନ୍ତ ସାମାନ୍ୟ ବିରକ୍ତ ହୋଇ କହନ୍ତି - ମଣିଷ ତ ମଣିଷ । ଜାତି ପୁଣି କଣ । ଭଗବାନଙ୍କ ସୃଷ୍ଟି ରେ କେବଳ ଦୁଇଟି ଜାତି ... ପୁରୁଷ ଆଉ ସ୍ତ୍ରୀ । ବ୍ରାହ୍ମଣ , ହରିଜନ ଏଗୁଡ଼ିକ ପୁଣି କଣ... ଛାଡ଼ ତମେ ତ ଗଣ୍ଡ ମୂର୍ଖ ତମେ କଣ ବୁଝିବ । ହଉ ଆଜି ବାଲେଶ୍ୱର ଯାଅ । ସପ୍ତାହଟେ ରହି ସବୁ ବୁଝା ବୁଝି କରି ଆସ । ବିଚରା ପଦ୍ମିନୀ ବାଧ ହୋଇ ଯାଆନ୍ତି ବାଲେଶ୍ୱର ।

ହେମଲତା ଆସି ସୂର୍ଯ୍ୟକାନ୍ତଙ୍କ ଘରେ ରୋଷେଇ କରନ୍ତି । ରାତିରେ କାମ ସାରି ହେମଲତା ଘରକୁ ବାହାରିଲା ବେଳକୁ ସୂର୍ଯ୍ୟକାନ୍ତ ମନା କଲେ ।କହିଲେ - ତମେ ଥକି ଯାଇଥିବ । ରାତିରେ ଘରକୁ ଯିବା ଠିକ୍ ହେବନି । ଏଇଠି ଶୋଇ ପଡ଼ । ଏଇଟା କଣ ତମ ଘର ନୁହେଁ । ହେମଲତା କହନ୍ତି - ହଁ, ନୁହେଁ ତ ଆଉ କଣ । ତାପରେ ଲୁଙ୍ଗି ପିନ୍ଧି ଶୋଇଥିବା ସୂର୍ଯ୍ୟକାନ୍ତଙ୍କୁ ତେଲ ମାଲିସ୍ କରିବାରେ ଲାଗି ପଡନ୍ତି ।

ଏମିତି କିଛି ମାସ ବିତି ଯିବା ପରେ ହେମଲତା ଗୋଟିଏ ପୁତ୍ର ସନ୍ତାନକୁ ଜନ୍ମ ଦେଲା । ସାହି ପଡ଼ିଶାରେ ସମସ୍ତେ କୁହାକୁହି ହେଲେ - ପୁଅଟି ଦେଖିବାକୁ ଅବିକଳ ଆମ ଡାକ୍ତର ବାବୁଙ୍କ ଭଳି । ସେଇ ମୁହଁ, ସେଇ ନାକ, ସେଇ ଆଖି । କିଛି ବୟସ୍କା ସ୍ତ୍ରୀଲୋକ କହିଲେ - ନାଇଁମ...ଏତେ ଛୋଟ ବେଳୁ କଣ କାହାର ଚେହେରା ବିଷୟରେ କିଛି ଅନୁମାନ କରଯାଇ ପାରେ...ଫାଲତୁ କଥାରେ କି ଲାଭ ମିଳୁଛି କେଜାଣି । ସମସ୍ତେ ମୁରବୀ ବୋଲି ମାନୁଥିବା ନଖି ଅପା କହିଲେ - କାଲି ଗାଧୁଆ ତୁଠରେ ଝିଅ ବୋହୂ ମାନେ ଏଇ କଥା ନେଇ ଚର୍ଚ୍ଚା କରୁଥିଲେ...ବହେ ଶୋଧିଲି । କିରେ ତମର କଣ ପର ଚର୍ଚ୍ଚା ନ କଲେ ଭାତ ହଜମ ହେଉ ନାହିଁ ।

ଗାଁର କିଛି ଅମାନିଆ ଟୋକା କିନ୍ତୁ ଯୋଜନା କଲେ ପଞ୍ଚଙ୍କ ସମ୍ମୁଖରେ ଘଟଣାର ପର୍ଦ୍ଦାଫାସ କରିବା ପାଇଁ । ତଦନୁଯାୟୀ ବୈଠକ ବସିବା ପାଇଁ ତାରିଖ ଧାର୍ଯ୍ୟ କରାଗଲା । ଘର ଘର ବୁଲି ସମସ୍ତଙ୍କୁ ଜଣାଇ ଦିଆଗଲା ବୈଠକକୁ ଆସିବା ପାଇଁ । ନିର୍ଦ୍ଧାରିତ ଦିନ ଯଥା ସମୟରେ ଗାଁ ଲୋକ,ହେମଲତା ଓ ସୂର୍ଯ୍ୟକାନ୍ତ ଉପସ୍ଥିତ ହେଲେ । ପଞ୍ଚମାନେ ଆସୀନ ହେବା ପରେ ସବୁକଥା ବିସ୍ତୃତ ଭାବେ ଆଲୋଚନା ହେଲା । ସର୍ବ ଶେଷରେ ପଞ୍ଚ ତାଙ୍କର ରାୟ ଶୁଣାଇଲେ - ଡାକ୍ତର ବାବୁଙ୍କୁ ଆମ ଅଞ୍ଚଳରେ ସମସ୍ତେ ଦେବତା ଭଳି ମାନ୍ୟ କରୁଥିଲେ । ମାତ୍ର ସର୍ବୋଚ୍ଚ ବର୍ଣ୍ଣର ଅନ୍ତର୍ଭୁକ୍ତ ହୋଇ ସୁଦ୍ଧା ସେ ଜଣେ ବିବାହିତା ହରିଜନ ସ୍ତ୍ରୀର ପାପ ପ୍ରଣୟରେ ଲିପ୍ତ ହେବା ନିହାତି ଦୁର୍ଭାଗ୍ୟ ଜନକ । ଏହା ଏକ ଗର୍ହିତ ଅପରାଧ । ତେଣୁ ଆମ୍ଭେ ନିରପେକ୍ଷ ଭାବେ ବିଚାର କରି ନିମ୍ନୋକ୍ତ ଭାବେ ଦଣ୍ଡ ବିଧାନ କରୁଅଛୁ - ୧/ ତାଙ୍କୁ ଏକ ଲକ୍ଷ ଟଙ୍କା ଜୋରିମାନା କରା ଗଲା । ସମସ୍ତ ଟଙ୍କା ଗ୍ରାମ ପାଣ୍ଠିରେ ଜମା କରିବାକୁ ପଡ଼ିବ । ୨/ ତାଙ୍କ ଔରସରୁ ଜନ୍ମିତ ସନ୍ତାନର ଭରଣ ପୋଷଣ ପାଇଁ ଦୁଇ ଲକ୍ଷ ଟଙ୍କା ବ୍ୟାଙ୍କରେ ଦାଖଲ କରିବାକୁ ହେବ । ୩/ ଏକ ମାସ ମଧ୍ୟରେ ତାଙ୍କୁ ଏ ଅଞ୍ଚଳରୁ ସବୁ ଦିନ ପାଇଁ ସ୍ଥାନାନ୍ତରିତ ହେବାକୁ ପଡ଼ିବ । ସ୍ଥାନାନ୍ତରିତ ନହେବା ପର୍ଯ୍ୟନ୍ତ ତାଙ୍କ ପରିବାରକୁ ଏକଘରକିଆ କରାଗଲା । ଏତାଦୃଶ ଦଣ୍ଡ ବିଧାନ ତୁରନ୍ତ ଲାଗୁ ହେବା ପାଇଁ ନିର୍ଦ୍ଦେଶ ଦିଆ ଗଲା । ଏହା ସତ୍ତ୍ୱେ କିଛି ଖଳ ପ୍ରକୃତିର ଲୋକ ଜିଦ୍ ଧରିଲେ - ଡାକ୍ତର ବୋଲାଉ ଥିବା ପାପୀର ମୁହଁରେ ଚୂନକଳା ଦେଇ ଗଧ ପିଠିରେ ବସାଇ ଗାଁ ସାରା ବୁଲାଯାଉ । ପଞ୍ଚ କିନ୍ତୁ ଏଥିରେ ରାଜି ନହେଇ କହିଲେ - ସେ ପ୍ରକୃତରେ ଡାକ୍ତର ହୋଇ ନଥିଲେ ମଧ୍ୟ ଲୋକ ମାନଙ୍କର ଚିକିତ୍ସା କରୁଥିବାରୁ ସମସ୍ତେ ତାଙ୍କୁ ଡାକ୍ତର ବାବୁ ବୋଲି ସମ୍ବୋଧନ କରୁଥିଲେ । ସୁତରାଂ ସେମିତି କରିବା ମାନବିକତାର ପରିପନ୍ଥି ହେବ ।

ଅନନ୍ୟୋପାୟ ହୋଇ ସୂର୍ଯ୍ୟକାନ୍ତ ସେଠାରେ ନିର୍ମିତ ଘର, ଘରବାଡ଼ି, ଆସବାବ ପତ୍ର ବିକ୍ରୟ କରି ଜରିମାନା ଟଙ୍କା ଭରଣା କରି ସପରିବାର ବାଲେଶ୍ୱରକୁ ସ୍ଥାନାନ୍ତରିତ ହୋଇଗଲେ ।

ବାଲେଶ୍ୱରରେ ପହଞ୍ଚି ସୂର୍ଯ୍ୟକାନ୍ତ ଜାଣିବାକୁ ପାଇଲେ ତାଙ୍କର ପୈତୃକ କୋଠାଘର ସମେତ ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି କକାପୁଅ ଭାଇମାନେ ହଡ଼ପ କରି ନେଇଛନ୍ତି । ପଡୋଶି ଘର ଲୋକେ କହିଲେ - ତମେ ନିଜେ ନ ଆସି ଜମିବାଡ଼ି ବିଷୟରେ କିଛି ଜାଣି ନଥିବା ତମ ସ୍ତ୍ରୀକୁ କାହିଁକି ପଠାଉଥିଲ । ସେ ପ୍ରତି ମାସ ସପ୍ତାହଟେ ରହି ଖାଇ ପିଇ ଆରାମ କରି ଚାଲି ଯାଉଥିଲେ । ତମ ବାପା କଥା ତ ଜାଣିଚ । ଭାଙ୍ଗ,ଗଞ୍ଜେଇ,ମଦ,ମାଂସ ଦେଲେ ସେ ନିଜକୁ ବି ଭୁଲିଯାନ୍ତି । ତାଙ୍କ ଦୁର୍ବଳତାର ସୁଯୋଗ ନେଇ ତମ ଭାଇମାନେ ତାଙ୍କଠାରୁ ଲେଖାଇ ନେଲେ - ତାଙ୍କର ଏକ ମାତ୍ର ପୁତ୍ର ମୃତ । ସେ ସ୍ଥିର ମନରେ, ସ୍ୱେଚ୍ଛାରେ ତାଙ୍କର ଭରଣ ପୋଷଣ ଦାୟିତ୍ୱ ନିର୍ବାହ କରୁଥିବା ପୁତୁରା ମାନଙ୍କ ନାମରେ ସମସ୍ତ ସମ୍ପତ୍ତିର ମାଲିକାନା ସତ୍ତ୍ୱ ହସ୍ତାନ୍ତର କରୁଅଛନ୍ତି । ବାସ୍ ତାପରେ ଯାହା ହେବାକଥା ହେଲା । ଏବେ ସବୁ ସେମାନଙ୍କ କବଜାରେ ।

ସୂର୍ଯ୍ୟକାନ୍ତ ନିରୁପାୟ ହୋଇ ପଡୋଶୀ ଘରେ ଖାଲି ଥିବା ଗୋଟେ ଘର ଭଡ଼ା ନେଇ ସପରିବାର ରହିବାକୁ ଲାଗିଲେ । ଡାକ୍ତରୀ ବ୍ୟବସାୟ ତ ବହୁ ଆଗରୁ ପରିହାର କରି ସାରିଥିଲେ ।ଏବେ କେବଳ ଏକ ମାତ୍ର ଲକ୍ଷ୍ୟ କିପରି ସମସ୍ତ ସମ୍ପତ୍ତି ପୁନଃ ଦଖଲ କରିବେ । ପ୍ରତ୍ୟହ ସକାଳ ୯ ଟା ସମୟରେ ଚିର ସହଚର ପୁରୁଣା ଦଦରା ସାଇକେଲଟି ଧରି ସୂର୍ଯ୍ୟକାନ୍ତ କଚେରୀକୁ ବାହାରନ୍ତି । ବୁଢ଼ା ବାପା ପୁତୁରା ମାନଙ୍କ ଘରେ ରହି ମାଛ,ମାଂସ,ଛେନା, ମାଲପା ଖାଉଥିଲା ବେଳେ, ସୂର୍ଯ୍ୟକାନ୍ତ ଙ୍କ ସାଇକେଲ ହାଣ୍ଡେଲରେ ଗୋଟିଏ ବ୍ୟାଗରେ ଝୁଲୁଥାଏ କିଛି ମୁଢ଼ି ,ଆଉ ଗୋଟେ କଞ୍ଚା ଲଙ୍କା । ଓକିଲ ପରାମର୍ଶ କ୍ରମେ ମକଦ୍ଦମା ଦାୟର କରି ତାଙ୍କୁ ପ୍ରଥମେ ଜୀବିତ ବୋଲି ପ୍ରମାଣ କରିବାକୁ ପଡ଼ିବ । ତାପରେ ଅପହୃତ ସମ୍ପତ୍ତି ନିଜ ହାତକୁ ଆଣିବାକୁ ହେବ । କଚେରୀ ଆଡ଼କୁ ସାଇକେଲ ପେଡାଲ ମାଡ଼ିଲେ ସୂର୍ଯ୍ୟକାନ୍ତ । ଦିନେ ତାଙ୍କର ସବୁକିଛି ଥିଲା; ହେଲେ ଏବେ ସବୁ କିଛି ଥାଇବି ସେ ନିସ୍ୱ, ଅସହାୟ, ସର୍ବହରା !!!!!!


*ସନ୍ତୋଷ ମିଶ୍ର*
*ଉଦଳା, ମୟୂରଭଞ୍ଜ*
*ମୋ: ୭୦୦୮୨୩୭୬୫୦*

## ଆମ ଏଇ ମାଟି ମାଆ.......

ମାତୃ ଗରଭରୁ ଜନମିଛୁ ସତ
ବଢ଼ିଛୁ ମାଟି କୋଳରେ
ଅତି ଯତନରେ ବାନ୍ଧି ମମତାରେ
ପାଳିଛି ସିଏ ଶ୍ରଦ୍ଧାରେ
ତା'ବୁକୁରେ ପାଦ ଥୋଇ
ଦୁଃଖରେ କାନ୍ଦିଲେ ଲୁହ ପୋଛିଦିଏ
ସାଜି ସେ ମମତାମୟୀ ।
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଆମ ଏଇ ମାଟି ମାଆ
ତା'କୋଳେ ମିଳିଛି ଅପାର ଆନନ୍ଦ
ସୁଖେ ଦୁଃଖେ ହୁଏ ସାହା
ଧରି ତରୁଲତା କୋଳେ
ପରିବେଶ ରଖେ ସ୍ୱଚ୍ଛ ନିରିମଳ
ତା'ପାଇଁ ଋତୁ ବଦଳେ ।
ମାଟି ବକ୍ଷେ ଭରା ଖଣିଜ ସମ୍ପଦ
ଭରପୂର ଶସ୍ୟଦାନା
ନଦୀ ଝରଣାର ଶୀତଳ ପ୍ରବାହ
ଦିଏ ନୀଳ ସବୁଜିମା
ଜନ୍ମି ମାଟି କୋଳେ ସର୍ବେ
ସାଜି ବୈଜ୍ଞାନିତ ଜ୍ଞାନୀ ବିଷାରଦ
ପ୍ରତିଭା ଦେଖାନ୍ତି ଗର୍ବେ ।
ମାଟି ମାଆ କୋଳେ ଜନ୍ମି ବୀରପୁତ୍ର
ମାନନ୍ତି ସଂସାରବୋଧ
ଧର୍ମ ଓ ସଂସ୍କାର ପରମ୍ପରା ନୀତି
ଗଢନ୍ତି ସ୍ୱତଃ ପ୍ରବୃତ୍ତ
ଖୁସିର ପରଶ ଦେଇ
ସ୍ନେହ ସମ୍ମୋହନେ କରେ କୋଳାଗ୍ରତ
ଆମରି ଜନମ ଭୂଇଁ ।
ମାଟି ବୁକୁ ଚିରି ଆମ ଚଷାପୁଅ
ସୁନାର ଶସ୍ୟ ଫଳାଏ
ଦେଶ ନିର୍ମାଣରେ ଶ୍ରମଦାନ କରି
ଶ୍ରମିକ ଝାଳ ବୁହାଏ
ମାତୃଭୂଇଁ ରକ୍ଷା ପାଇଁ
ଦେଶ ସୀମାନ୍ତରେ ସଦା ଜଗିରୁହେ
ଆମରି ସୈନିକ ଭାଇ ।
ମାଟିର ସୁରକ୍ଷା ଜୀବନ ସୁରକ୍ଷା
କହିବା ସଭିଁଙ୍କୁ କାନେ
ତା'ବକ୍ଷକୁ ଆମେ ସଜେଇ ରଖିବା
ଦୁଃଖ ନଆସିବ କ୍ଷଣେ
ତା'କୋଳେ ରୋପିବା ଚାରା
ସବୁଜ ଶାଢୀରେ ସଜେଇବା ତାକୁ
ଦେବ ସେ ଅମୃତ ଧାରା ।
ବୁଦ୍ଧିଜୀବି ସାଜି ମାଟିର ଚେତନା
ପରାଣେ ସାଇତି ଦେବା
ନଦୀ ଝରଣାକୁ ଦୂଷିତ ନକରି
ସଦା ନିର୍ମଳ ରଖିବା
ଗଢିବା ସବୁଜ ବନ
ମାଟି ମାଆ ଆମ ଚିର ବନ୍ଦନୀୟା
ରଖିବା ତାହାର ମାନ ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ସୁନ୍ଦରପଣ



'କେତେ ସୁନ୍ଦର ଲାଗୁଛି ବୋହୂ ଏ ଅଳଙ୍କାରରେ ବିମଣ୍ଡିତା ହୋଇ ।' ସୁପ୍ରୀୟା ଆଡିକି ଦୃଷ୍ଟିପାତ କରି ମାଉସୀ କହିଲେ । ତେଣେ ଅରବିନ୍ଦ ମୁର୍କିମୁର୍କି ହସୁଥିଲେ । ମାଉସୀ ତାଙ୍କ ସର୍ବାଙ୍ଗର ରୂପକାନ୍ତି ଓ ସୌନ୍ଦର୍ଯ୍ୟ ବିଲୋକନ କରୁଥିବା ସ୍ଥଳେ ଅରବିନ୍ଦ ନିରେଖୁଥିଲେ ତାଙ୍କ ମନର ସୁନ୍ଦର ପଣକୁ । ଦି'ବର୍ଷ ଆଗରୁ ନିର୍ବନ୍ଧ ହୋଇ ସାରିଥିଲା ଅରବିନ୍ଦ ଆଉ ସୁପ୍ରୀୟାଙ୍କର । ବାହାଘର ତାରିଖ ବି ଦି'ମାସ ପରେ ନିର୍ଦ୍ଧାରିତ ହୋଇଥିଲା । ଇତିମଧ୍ୟରେ ଅରବିନ୍ଦ ମଟର ସାଇକେଲରେ ଦୁର୍ଘଟଣାଗ୍ରସ୍ତ ହୋଇ ମରଣରୁ ସିନା ରକ୍ଷା ପାଇଗଲେ ହେଲେ ସବୁଦିନ ପାଇଁ ପଙ୍ଗୁ ହୋଇ ଯାଇଥିଲେ । ଆରମ୍ଭରେ ଏମିତି ଲାଗୁଥିଲା ଯେପରି ସେ ଆଉ କେବେ ଚାଲି ପାରିବେନି । ତାଙ୍କ ଘରଲୋକେ ସୁପୀୟା ଘର ଲୋକଙ୍କୁ କହି ଦେଇଥିଲେ ସେମାନେ ଅନ୍ୟ କାହାରି ସହିତ ସୁପ୍ରୀୟାର ହାତକୁ ଦି ହାତ କରିଦିଅନ୍ତୁ । ଯାହାହେଲେ ବି କୌଣସି ବାପା ମାଆ କଣ ନିଜ କନ୍ୟାରତ୍ନକୁ ଅପଙ୍ଗ ହାତରେ ଟେକିଦେବେ ! ସୁପ୍ରୀୟା ବାପା ମାଆ ସେମାନଙ୍କ କଥାକୁ ସାଦରେ ଗ୍ରହଣ କରିଥିଲେ । ଏଥର ସୁପ୍ରୀୟା ମାଆ ବାପାଙ୍କୁ ଓଲଟି ପ୍ରଶ୍ନକଲେ –'ଯଦି ବାହାସାହା ହୋଇଗଲା ପରେ ଦୁର୍ଘଟଣା ହୋଇଥାନ୍ତା ତେବେ... ? ଅରବିନ୍ଦଙ୍କ ଘରକୁ ଯିବି, ଆଉ ତାଙ୍କର ସେବାଯତ୍ନ କରିବି । ଯେତେବେଳେ ସେ ଆରୋଗ୍ୟ ଲାଭ କରିବେ ତାଙ୍କ ସହିତ ବାହାଘର ଅଲବତ୍ ହେବ ।' ସୁପ୍ରୀୟାଙ୍କ ଜିଗର ଆଗରେ ବିଚରା ମାଆ ବାପାଙ୍କୁ ମୁଣ୍ଡ ନୁଆଁଇବାକୁ ପଡିଲା । ଲାଗ୍‌ଲାଗ୍ ଦି'ବର୍ଷର ଚିକିତ୍ସା ଓ ସୁପ୍ରୀୟା ନିରୁତା ସେବା ଯୋଗୁଁ ଅରବିନ୍ଦ ଚଙ୍ଗା ହୋଇଗଲେ । ସୁପ୍ରୀୟା ସହିତ ତାଙ୍କର ବାହାଘର ବେଶ୍ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଥିଲା । ଆଜି ସତରେ ସୁପ୍ରୀୟା ବୋହୂ ବେଶରେ ବେଶ୍ ସୁନ୍ଦର ଲାଗୁଛନ୍ତି, ହେଲେ ତାଙ୍କ ହୃଦୟର ସୁନ୍ଦରପଣର ତୁଳନା ନାହିଁ ।

*ନଗେନ୍ଦ୍ର ନାଥ ପଟ୍ଟନାୟକ*
*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର*
*ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬*
*ଲକ୍ଷ୍ମୀସଗାର କେନାଲ ରୋଡ୍ ,ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

## ପ୍ରୀତିର ବର୍ଣ୍ଣାଳୀ

ମହକରେ ଭରା ପ୍ରୀତିର ପାଖୁଡା
ସତେକି ଢାଳୁଚି ବାସ
ମନେ ପକାଉଛି ଆମ ଦୁହିଁଙ୍କର
ମିଳନର ମଧୁରାସ ।।

ଚିଠିରେ ଚିତ୍ରିତ ପ୍ରୀତିର ବର୍ଣାଳୀ
ଅସହଣୀ ଆଜି ସେତ
ଶୁଭୁଚି ରାତିରେ ତୁମ ପ୍ରେମଭରା
ମିଠା ମିଠା ସୁ ଗୀତ ।।

ସାଇତି ରଖିଚି ପାଖରେ ପ୍ରିୟାଗୋ
ତୁମ ହାତଲେଖା ଚିଠି
ତୁମରି ଭାବନା ଭିତରେ ନିଜକୁ
ହଜେଇ ଦେଇଛି ଏଠି ।।

ସପନ୍ ବିଳାସୀ ଆଖି ଦୁଇଟିରେ
ତୁମଛବି ଯାଏ ନାଚି
ଜାଣେନା କାହିଁକି ଆନମନା ହେଇ
ହରାଇଛି ସୁ କିଛି ।।

ନିରାଶା ହତାଶା ଆଖିଲୁହ ସ୍ରୋତ
ଭାସିଯାଏ ନଈଦେହେ
ବିଚ୍ଛେଦ ବିରହ ଜନ୍ତ୍ରଣାର ମାଡ
ନିସ୍ୱତାର ଦେହ ସହେ ।।

ଚିଠି ଲେଖି ଲେଖି ଆଶା ରଖି ରଖି
ତୁମକୁ ଖୋଜୁଛି ମନ
କେତେ ରାତି ଆସେ ପୁଣି ଫେରିଯାଏ
ମଉଳଇ ରୁପାଜହ୍ନ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

## ନୀରବତା

ନୀରବତାର ବି
ନିଜସ୍ୱ ଏକ ଭାଷା ଥାଏ
କହିପାରେ ଆଖିରେ ଆଖିରେ
ଅନେକ ଫକ୍କିକୁ
ଫିଟାଇ ପାରେ ସେଇ ମାଧ୍ୟମରେ
ଅସମାହିତ ପ୍ରଶ୍ନର ଉତ୍ତର
କେବେ ସମାଧାନର ମାର୍ଗ

ନୀରବି ଯାଇଥିବା ଶବ୍ଦମାନେ
ବେଳେ ବେଳେ ଉତୁରି ଉଠନ୍ତି
ହୃଦୟର ଦରଜାରେ
ଆପଣା ଛାଏଁ ଠକ୍ ଠକ୍ କରି
ନିଜ ଅସ୍ତିତ୍ୱ ପ୍ରତିପାଦିତ କରନ୍ତି

ନୀରବତାର ଢେଉ ପଛର ଚିତ୍ର
ମାନସ ପଟରେ ଉଙ୍କିମାରେ
ସ୍ୱର୍ଗ ଠୁ ମର୍ତ୍ତ୍ୟର ଦୂରତା ମାପି
ଅଣଓସାରିଆ ରାସ୍ତା ମଧ୍ୟ ଦେଇ
ନିଜର ପଦଶବ୍ଦରେ
ନିଜେ ମୁଖରିତ ହୁଅନ୍ତି

ନୀରବତା ବି
ପ୍ରତିଟି ସ୍ନାୟୁରେ
ସଞ୍ଚରିପାରେ ଆଶ୍ୱାସନା
ସମୟର ଇଜିଲାସରେ...!!!!

*ରତ୍ନକାନ୍ତି ମିଶ୍ର*
*ଆଳି, କେନ୍ଦ୍ରାପଡା*

## ତୁମକୁ ଦେଖିଲା ପରେ

ସନ୍ତାନର ଲାଳନ, ପାଳନ ଓ ଯତ୍ନ ଭିତରେ ଆଉ ଗୋଟେ ବଡ଼ କଥା ଥାଏ । ସେଇଟା କଣ ବୋଲି ଘାରି ହୁଅନ୍ତି ପିତା ମାତା ଶୁରେଶ ଓ ସୁରଭି । ଛୋଟ ଥିଲା ବେଳୁ କେବେ ବି ଅମାନ୍ୟ କରିନି ସୋନି, ପିତାମାତାଙ୍କ କଥାକୁ । ମନଦେଇ ପଢିବା ସହ ସବୁ ମାନିଛି । ଖୋଲି କହିଛି ମୋ ସାଙ୍ଗମାନଙ୍କଠାରୁ ସତରେ ମୁଁ କେତେ ଭାଗ୍ୟବାନ । ପିଲାଦିନୁ ଯାହା ମାଗିଛି ତାହା ମତେ ମିଳିଛି କହି ବଡ଼ ହେଲାପରେ ପିଓ ଚାକିରୀ ପାଇ ପ୍ରଥମେ କୁଣ୍ଢେଇ ପକାଇଥିଲା ମାମା ସୁରଭିଙ୍କୁ କହିକି ଯେ ଏସବୁ ପାଇଁ ତୁମେ ହିଁ ମୋର ପ୍ରେରଣା ମାମା । ମେଟ୍ରିକ ପରୀକ୍ଷାବେଳରୁ ଛୁଟି ନେଇ ମତେ ଘରେ ଜଗି ରହି ପାଠ ପଢେଇବାର ସମସ୍ତ ଉତ୍ସାହ ତ ତମେ ଭରିଦେଇଥିଲ ନା ମାମା । ଆଜି ମୋ ସଫଳତାରେ ମଧ୍ୟ ତମରି ହାତ । ହଉ ହଉ ଛାଡ଼ ସେକଥା ବାପାଙ୍କ ପାଇଁ କିଛି ତ ଥାଉ !ଦୌଡ଼ୁଥାଏ ପାପା ପାପା ଡାକି ସୋନି କହୁଥାଏ ତମେ ଖୁସି ନା ପାପା !ସବୁ ସାଙ୍ଗମାନଙ୍କ ଭିତରେ ମୋର ଆଗ ଆସିଥାଏ ଆଡିଡ଼ାସ କମ୍ପାନୀ ଜୋତା ପରି ଲକ୍ଷ୍ମୀନାରାୟଣ କମ୍ପାନୀର ପ୍ରଥମ ଫୋଲଡିଂ ଛତା ଠାରୁ ଆରମ୍ଭ କରି ନୂଆ ନୂଆ ପ୍ରଜାତିର ଡଟ ପେନ ସାଙ୍ଗକୁ ପ୍ରଥମ ଅନଲାଇନରେ ମଗାଯାଇଥିବା ସ୍ୱଏଟର । ଯୋଉଥି ପାଇଁ ମୋ ପାପା ଆଜି ମୋ ପିଓ ପାଇବାରେ ସବୁତକ ଶ୍ରେୟ ନେବାକଥା କହି ଶୁରେଶଙ୍କୁ ଏମିତି ଜାବୁଡ଼ି ଧରେ ଯେମିତି ସେଦିନର ସେଇ ଖିଲି ଖିଲି ହସି,ଝରା ଶେଫାଳି ହସକୁରି ଝିଅ ସୋନି ଚାକିରୀ କଲାପରେ ବି ରହିଯାଇଛି ସେମିତି । ଉପରକୁ ପାପା ମାମା ତାର ଏଇ ପିଲାକିଆମି ଗୁଣ ପାଇଁ ବିରକ୍ତ ହେଲେ ମଧ୍ୟ ଭିତରେ କୁରୁଳୁ ଥାଆନ୍ତି ଠିକ ସେଇ ପ୍ରଥମ ଫିଲପିକାର୍ଟ ଅନଲାଇନରୁ ମଗାଯାଇଥିବା ନିଜ ପସନ୍ଦର ଜିନିଷଟି ପାଇଯିବାର ଅନୁଭୂତି ପରି । ଏବେ ସୋନି ବିବାହ କରିବାକୁ ଚାହୁଁଛି । ନିଜ ପସନ୍ଦର ସାଥି ରୂପେ ନୂଆ ଜଏନ କରିଥିବା ପିଓ ବିଭବକୁ ବାଛିଛି । ବେଳାଭୂମି ତଟରେ ପରସ୍ପରକୁ ସମୟ ଦେବାକୁ ଯାଇ ସୋନି ନିଜ ଜୀ୍ୱନସାଥିକୁ ସବୁ କହିଛି ବୋଲି ଖୋଲି ପିତା ମାତାଙ୍କୁ କହିବା ବେଳେ ସୁରେଶ ଓ ସୁରଭି କାହିଁକି ଖୁସି ନୁହଁ !ଯୁଗ ବଦଳିଛି । ପିଲାଙ୍କ ଜୀ୍ୱନସାଥି ବାପାମାଆ ନବାଛି ନିଜେ ପିଲା ବାଛିଲେ ବାପା ମାଆ ଖୁବ ଖୁସିରେ ଆଦରି ନେବା ବେଳେ ଏଠି ବ୍ୟତିକ୍ରମ କାହିଁକି ? ସୋନିକୁ ନିଜ ଠାରୁ ଦୂରତାରେ ରଖିବା ପସନ୍ଦ ନୁହେଁ ବୋଲି ନା ଦିନରୁ ରାତି ପର୍ଯ୍ୟନ୍ତ ସୋନିଠୁ ଆଉ ଏତେବେଳେ ଔଷଧ ଖାଅ, ସେତେବେଳେ ବାୟାମ କର, ଏଟା ଖାଅ, ସେଟା ଖାଅନା ଶୁଣିବାକୁ ମିଳିବନି ବୋଲି !ଏହା ତ ପିତା ମାତାଙ୍କର ସାର୍ଥପରତା ବୋଲି ମଧ୍ୟ କୁହାଯାଇପାରେ । ହେଲେ ସବୁ ବାପା ମାଆଙ୍କ ପାଖରେ ଥିବା ସନ୍ତାନ ମୁଣ୍ଡରେ ଦୁବ ଚାଉଳ ପଡୁ ବୋଲି ଇଛାରେ ଏଠାରେ ଏମିତି ବ୍ୟତିକ୍ରମ କାହିଁକି । କାହିଁକି ସର୍ବଗୁଣସମ୍ପର୍ଣ୍ଣ ବିଭବ ସେମାନଙ୍କ ପସନ୍ଦ ନୁହେଁ ?



ପ୍ରଥମ କରି ବିଭବ ଯେବେ ସୋନି ସହ ଘରକୁ ଆସିଥିଲା ସୁରେଶ ସବୁଠୁ ଦାମୀ ହୋଟେଲର ଡିସ ସବୁ ଅର୍ଡର କରିଥିଲେ । ସୁରଭି ମଧ୍ୟ ସୋନିର ପସନ୍ଦ ଅପସନ୍ଦର ଧାରାବିବରଣୀ ଦେଇଚାଲିଥିଲେ ତ ପୁଣି କଣ ହେଲା ଯେ ବିଭବ ସମ୍ପୂର୍ଣ୍ଣ ରାଜି ଥିବା ଶୁଣି ସୋନିର ଜନ୍ମ କୂଳ ଗୋତ୍ର କଥା କହିଥିଲେ ବାପା ମାଆ ଯାହା ଅସଙ୍ଗତ ଲାଗୁଥିଲେ ବି ବିଭବ କହୁଥିଲେ ସେସବୁ ମୁଁ ସୋନିଠୁ ସମୁଦ୍ରକୂଳରେ ବୁଲିବା ଭିତରେ ଶୁଣି ସାରିଛି ଆଣ୍ଟି । ମୁଁ ଜାଣିସାରିଛି ଆପଣ ଓ ଅଙ୍କଲ ଅପୁତ୍ରିକ ନିଃସନ୍ତାନ ଦମ୍ପତ୍ତି ଦୁହେଁ ସୋନିକୁ ନିଜର କରି ତାକୁ ସମାଜରେ ବଞ୍ଚାଇବାର ପଥ ଓ ପାଥେୟ ସୃଷ୍ଟି କରିବା ସହ ତାକୁ ପରିଚୟ ଦେଇଛନ୍ତି । ଖାଲି ସେତିକି ନୁହେଁ ତାକୁ ଛାଡି ଆପଣ ବଞ୍ଚିପାରିବେନି ବୋଲି ଆମେ ଦୁହେଁ କଥା ହୋଇସାରି ଭାବିଛୁ ସମସ୍ତେ ଏକାଠି ରହିବା । ଦୁଇପରିବାର ମିଳିମିଶି । ଗମ୍ଭୀର ଦିଶୁଥିଲେ ସୋନିର ପିତା ମାତା । ବିଭବ ଯିବା ପରେ ସେ ତୁମକୁ କେମିତି ଲାଗିଲା ପାପା,ସେ ଖୁବ ଭଲ କଥା କହୁଥିଲେ ନା ମାମା ? ବୋଲି ପଚାରି ପଚାରି ସୋନି ସେଦିନ ଉତ୍ତର ନପାଇ ଶୋଇପାରିନଥିଲା । ସୁରଭି ମଧ୍ୟ କରଲେଉଟାଉ ଥିଲେ ଠିକ ଅତୀତର ସେହି ରାତି ପରି । ଛୁଆଟିଏ ନିଜର କରିବା କଣ ସହଜ କଥା ! ହେଲେ ସୋନିକୁ ପାଇ ଲାଗିଥିଲା ଦୁନିଆଁର ସବୁଠୁ ଭାଗ୍ୟବାନ ପିତା ଓ ଭାଗ୍ୟବତୀ ମାତା ସେ ଦୁହେଁ । ସବୁକଥା ଅନ୍ୟାୟସାରେ ମାନିନେଇ ଛୋଟରୁ ବଡ଼ ହେବା ପରେ ପାପା ମାମାଙ୍କ ବ୍ୟତିରେକେ ଅନ୍ୟ ଜଣଙ୍କୁ ଏତେ ଭଲପାଇବା କଣ ବୟସର ଦୋଷ !ବିବାହ କରି ଅନ୍ୟତ୍ର ଚାଲିଯିବାକୁ ବସିଥିବା ଝିଅ ସୋନି ହୃଦୟରେ ବିଭବ ପାଇଁ ଏତେ ଜାଗା କୁଆଡୁ ଆସିଗଲା ?ପିତାମାତାଙ୍କୁ ନଜଣେଇ କିଛି କରୁନଥିବା ଝିଅ ଆଜି ନିଜ ପସନ୍ଦ ଅପସନ୍ଦ କଥା ଜଣେ ତୃତୀୟ ବ୍ୟକ୍ତିକୁ କହିବା ସହ ନିଜ ଜୀବନର ସମସ୍ତ ଗୋପନୀୟ କଥା କହିବା କାହିଁକି ସହ୍ୟ କରିପାରୁନଥିଲେ ସେମାନେ !ଭାବିଭାବି ନିଦ ନଥିଲା ଆଖିକୁ ।

ସେପଟେ ସୋନି ଭାବୁଥିଲା କାହାକୁ ବିଶ୍ୱାସ କରିବ ସୋନି । ଆଜିଯାଏଁ ତାକୁ ମଣିଷରୁ ଭଲମଣିଷଟେ କରି ପରିଚୟ ଦେଇଥିବା ପିତା ମାତାଙ୍କୁ ନା ଏଇ ଦୁଇବର୍ଷର ପରିଚୟର ଜୀ୍ୱନସାଥି କରିବାକୁ ଚାହୁଁଥିବା ବିଭବକୁ ? ବିଭବ କହୁଥିଲେ ତୁମେ ବୁଝିପାରୁନ ସୋନି । ତୁମ ପିତା ମାତା ତୁମ ବିବାହ ନଚାହିଁବାର କାରଣ ସେ ତୁମ ରକ୍ତର ନୁହଁନ୍ତି । ରକ୍ତର ପିତା ମାତା ସନ୍ତାନର ମନ ବୁଝନ୍ତି । ମୁହଁ ବୁଲେଇଲା ସୋନି । କୁଆଁତାରା ଦେଖାଗଲାଣି । ବିଶ୍ୱାସ ଅବିଶ୍ୱାସ ଦୋଛକି ଭିତରେ ରେ ମୁଦି ହୋଇ ଆସୁଥିଲା ଆଖିପତା । ଠିକ ଏତିକି ବେଳେ ମାମା ପଶିଆସିଲେ ତା ରୁମକୁ ଆଉ ତା କପାଳରେ ହାତ ରଖି ପଚାରିଲେ ତୁ ଠିକ ଅଛୁ ତ ମୋ ଝିଅ ?ଟିକେ ପରେ ପାପା ଆସି କହୁଥିଲେ ତୋ ନୂଆ ମର୍ସିଡ଼ିସ ଗାଡିଟି ଆସିଯାଇଛି ସୋନି । ସୋନି କିନ୍ତୁ ଚାହିଁଥିଲା ପଚାରିନଥାନ୍ତେ ମାମା ତାକୁ ଯେ ତୋର ରେ୍କ୍ ରିଙ୍ଗ ସେରିମୋନୀ କରିବା ? ପଚାରିନଥାନ୍ତେ ପାପା ଯେ ବିଭବ ଘରଲୋକ ରେ୍କ୍ ଆସିବେ ମାଆ ! ସୋନିକୁ ଜାବୁଡି ଧରି ଦେଇ ମାଆ କହୁଥିଲେ ତତେ ଛାଡି ବଞ୍ଚିବା ଭାରି କଷ୍ଟ ମାଆ । ଆଉ ପାପା ରୁମ ଛାଡି ବାହାରକୁ ଚାଲି ଯାଉ ଯାଉ ସ୍ଲେଶ ମିଶା କଣ୍ଠରେ କହୁଥିଲେ ବହୁତ କାମ ବାକି ରହିଲାଣି ଖାଲି ବିବାହ ତାରିଖ ପକ୍କା ହୋଇଗଲା ପରେ ସେସବୁ ହାତକୁ ନେଇ ସାରିବାକୁ ପଡିବ ମତେ । ସୋନି ନଦେଖି ପାରିଲେ ମଧ୍ୟ ଅନୁଭବ କରୁଥିଲା ମାମା ଓ ପାପାଙ୍କ ଅମାନିଆଁ ଲୁହ ଭୂଇଁ ଚାଟି ନେଉଥିଲା । ସୋନି ବୁଝିଯାଇଥିଲା ସବୁ ଝିଅଙ୍କ ଭଳି ତା ସ୍ୱପ୍ନ ସତ ହେବାକୁ ଯାଉଛି ।

*ସୁନନ୍ଦା ମହାନ୍ତି*
*ସକ୍ଷୀଗୋପାଳ*
*ପୁରୀ*
*୯୦୪୦୯୭୭୩୨୭*

ମାତୃଭାଷା



# ଶ୍ରୀଶୈଳମ୍‌ର ମଲିକାର୍ଜୁନ ଶୈବ କ୍ଷେତ୍ର



ଭାରତର ବିଭିନ୍ନ କୋଣରେ ୬୪ ଟି ପ୍ରସିଦ୍ଧ ଶକ୍ତି ପୀଠ ଓ ୧୨ ଟି ଜ୍ୟୋତି ଲିଙ୍ଗ ଥିବା ଶୈବ କ୍ଷେତ୍ର ରହିଛି । ନୀଳ ଗଙ୍ଗା ନାମରେ ଖ୍ୟାତ କୃଷ୍ଣା ନଦୀର କୂଳରେ ପୂର୍ବ ଘାଟ ପର୍ବତ ଶ୍ରେଣୀ ଉପରେ, ଶ୍ରୀ ଶୈଳ ଶୈବ କ୍ଷେତ୍ର ରେ ମଲ୍ଲିକାର୍ଜୁନ ମହାଦେବପୁଜା ପାଉଛନ୍ତି । ଏହିକ୍ଷେତ୍ର ଆନ୍ଧ୍ର ପ୍ରଦେଶର କୁରନଲ ଜିଲ୍ଲାରେ ହାଇଦ୍ରାବାଦ ଠାରୁ ୨୩୦, କୁରନଲ ଠାରୁ ୮୦ କିମି ଓ ବେଜୱାଡା ଠାରୁ ୨୬୪ କିମି ଦୂର ରେ ଅଛି । ଏଠାରେ ଶିବ ଅର୍ଜୁନ ଓ ପାର୍ବତୀ ମଲ୍ଲିକା ରୂପ ରେ ପୂଜା ପାଉଛନ୍ତି । ମନେ କରାଯାଏ ୨ୟ ଶତାବ୍ଦୀ ରେ ସାତବାହାନ ଓ ହୟଶାଳ ରାଜା ମାନେ ଏହି ମନ୍ଦିର ତିଆରି କରିଥିଲେ । ପରେ ବିଜୟ ନଗର ର ରାଜା ମାନେ ଏହାକୁ ବିଶାଳ ଓ ସୁରମ୍ୟ କରିଥିଲେ । ଏହାର ଚାରିକଡରେ ୨୬ ଫୁଟ ଉଚ୍ଚର ୬୦୦ ମିଟର ଲମ୍ବର ପ୍ରାଚୀର ରହିଛି । ଚାରି ଦ୍ୱାର ରେ ବିଶାଳ ଗୋପୁରମ ମାନ ରହିଛି । ମୁଖ୍ୟ ମନ୍ଦିର ର ଶିଖର ସୁନା ଛାଉଣି । ନିଜାମ ଏହି ମନ୍ଦିରକୁ ନଷ୍ଟ କରିଥିବାରୁ, ମହାରାଣୀ ଅହଲ୍ୟା ଦେବୀ ଏହାର ସଂସ୍କାର କରି ସୁନା ଛାଉଣି ଦେଇଥିଲେ ।

କୁହାଯାଏ ଶିବ ନିଜର ପୁଅ ଗଣେଷ ପାଇଁ ସିଦ୍ଧି, ନିଧି ଓ ରିଧ ନାମକ କନ୍ୟା ମାନଙ୍କୁ ବିବାହ ଦେଲେ । ଏଥିରେ ଅନ୍ୟ ପୁତ୍ର କାର୍ତ୍ତିକ କ୍ଷୁବ୍ଧ ହୋଇ ଗୃହ ପରିତ୍ୟାଗ କରି ଦକ୍ଷିଣ କୁ ଚାଲି ଆସି କୁମାର ବ୍ରହ୍ମଚାରୀ ରୂପେ ଶ୍ରୀଶୈଳମ ରେ ରହିଲେ । ତାଙ୍କୁ ଖୋଜି ଶିବ ଓ ପାର୍ବତୀ ଏଠାରେ ପହଞ୍ଚିଗଲେ । ଏହି କ୍ଷେତ୍ରରେ ପାର୍ବତୀ ମଧ୍ୟ ଭ୍ରମରମା ନାମରେ ପୂଜା ପାଉଛନ୍ତି । କୁହା ଯାଏ ମାଆଙ୍କ ପୁଷ୍ପ ଶୋଭିତ ଶରୀରକୁ ସବୁବେଳେ ଭ୍ରମର ମାନେ ବେଢି ଥାଆନ୍ତି ।

କିମ୍ବଦନ୍ତୀ କହେ ଅତି ପ୍ରାଚୀନ କାଳରେ ଅରୁଣାସୁର ନାମରେ ଏକ ରାକ୍ଷାସ ବ୍ରହ୍ମାଙ୍କୁ ହଜାର ହଜାର ବର୍ଷ ତପସ୍ୟା କରି ଆହ୍ୱାନ କଲା । ତାର ଦେହ ଶୁଷ୍କ ହୋଇ କେବଳ ସ୍ନାୟୁ ପରିଦୃଷ୍ଟ ହେଲା । ତାର ଦେହରୁ ତପଃ ଅଗ୍ନି ବାହାରି ସଂସାର କୁ ଜାଳିବାକୁ ଲାଗିଲା । ଶେଷ କୁ ବ୍ରହ୍ମା ଆସି ତା ଆଗରେ ଉପସ୍ଥିତ ହେଲେ । ଅସୁର ମାଗିଲା ଯେ ସେ ଦିଇ ଗୋଡିଆ କି ଚାରି ଗୋଡିଆ ପ୍ରାଣୀଙ୍କ ଦ୍ୱାରା ମରିବ ନାହିଁ । ବର ପାଇଲା ପରେ ସେ ସ୍ୱର୍ଗ ଆକ୍ରମଣ କରିବାରୁ ଦେବତା ମାନେ ଭୟରେ ସ୍ୱର୍ଗ ଛାଡି ପଳାଇଲେ । ସେମାନେ ବ୍ରହ୍ମା ଙ୍କୁ ନିବେଦନ କରିବାରୁ ବ୍ରହ୍ମା ପାର୍ବତୀ ଙ୍କୁ ପ୍ରାର୍ଥନା କରିବାକୁ ଉପଦେଶ ଦେଲେ । ମାଆ ଭ୍ରମରମା ଅବତାର ହେଲେ । ତାଙ୍କୁ କୋଟି କୋଟି ବିରୁଡି, ମହୁମାଛି, ଡାଆଁଶ.ଭ୍ରମର ବେଢି ରହିଲେ । ସେମାନେ ଅସୁର କୁ ଆକ୍ରମଣ କରି ତାଦେହକୁ ପଳପଳ କରି ଖାଇଗଲେ । ଏଠାରେ ସହସ୍ର ଶିବ ଲିଙ୍ଗ ରହିଛି । ସେଥିମଧ୍ୟରୁ ପ୍ରଭୁ ଶ୍ରୀରାମ ଓ ପାଣ୍ଡବ ମାନ ଙ୍କ ଦ୍ୱାରା ସ୍ଥାପିତ ଲିଙ୍ଗ ରହିଛି । ମନ୍ଦିରକୁ ଯିବା ପୂର୍ବରୁ ଭକ୍ତମାନେ ଶିଖରେଶ୍ୱର ମନ୍ଦିର ଦର୍ଶନ କରିଥାଆନ୍ତି ।

ଏହା ନିକଟରେ ଭାରତର ବୃହମ ବ୍ୟାଘ୍ର ଅଭୟାରଣ୍ୟ ମଲ୍ଲିକାର୍ଜୁନ ରହିଛି । ଏଠାକାର ଘନ ଜଙ୍ଗଲ ଓ ଅନେକ ପାହାଡ ବେଶ ସୁନ୍ଦର । ଯାତ୍ରୀ ମାନଙ୍କ ପାଇଁ ଅନେକ ଯାତ୍ରୀ ନିବାସ ରହିଛି। ନିକଟ ରେ ମାକାରାମ ରେଲ ଷ୍ଟେସନ ଓ କୁରନଲ ବିମାନ ଘାଟି ରୁ ଯାତ୍ରୀ ମାନେ ତୀର୍ଥ କୁ ଯାଇଥାଆନ୍ତି ।



**ନୀଳ ଗଙ୍ଗା ନାମରେ ଖ୍ୟାତ କୃଷ୍ଣା ନଦୀର କୂଳରେ ପୂର୍ବ ଘାଟ ପର୍ବତ ଶ୍ରେଣୀ ଉପରେ, ଶ୍ରୀ ଶୈଳ ଶୈବ କ୍ଷେତ୍ର ରେ ମଲ୍ଲିକାର୍ଜୁନ ମହାଦେବପୁଜା ପାଉଛନ୍ତି । ଏହିକ୍ଷେତ୍ର ଆନ୍ଧ୍ର ପ୍ରଦେଶର କୁରନଲ ଜିଲ୍ଲାରେ ହାଇଦ୍ରାବାଦ ଠାରୁ ୨୩୦, କୁରନଲ ଠାରୁ ୮୦ କିମି ଓ ବେଜୱାଡା ଠାରୁ ୨୬୪ କିମି ଦୂର ରେ ଅଛି ।ଏଠାରେ ଶିବ ଅର୍ଜୁନ ଓ ପାର୍ବତୀ ମଲ୍ଲିକା ରୂପ ରେ ପୂଜା ପାଉଛନ୍ତି ।**


ଡାଃ ସୁରେନ୍ଦ୍ର ନାଥ ଦାଶ
ଉମରକୋଟ, ନବରଙ୍ଗପୁର
ମୋ:୯୪୩୭୨୩୫୩୮

# ରାଧାନଗର ବିଚ୍

**ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ହାଭେଲକ୍ ଦ୍ୱୀପ ନିକଟସ୍ଥ ରାଧାନଗର ବିଚ୍ ହେଉଛି ଏସିଆର ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ସମୁଦ୍ରତଟ । ନୀଳ ଜଳରାଶି ଓ ଧଳାବାଲିର ବେଳାଭୂମି ଏହାର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ଦେଇଥାଏ । ତା'ଛଡ଼ା ଏଠାକାର ଶାନ୍ତ ବାତାବରଣରେ ବସି ସୂର୍ଯ୍ୟାସ୍ତର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ବେଶ୍ ମନୋରମ ଲାଗେ । ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ...**







ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ବୁଲିଯିବାର ପ୍ଲାନିଂ କରୁଥିଲେ ଏଠାକାର ହାଭେଲକ୍ ଦ୍ୱୀପ ନିକଟସ୍ଥ ରାଧାନଗର ବିଚ୍ ବୁଲିଯିବାକୁ ଆଦୌ ଭୁଲିବେ ନାହିଁ । କାରଣ ଏହା ହେଉଛି ଏସିଆର ଅନ୍ୟତମ ଆକର୍ଷଣୀୟ ସମୁଦ୍ରତଟ; ଯାହାକୁ ଟାଇମ୍ସ ମାଗାଜିନ୍ ତରଫରୁ 'ବିଶ୍ୱର ୭ଟି ସୌନ୍ଦର୍ଯ୍ୟପୂର୍ଣ୍ଣ ସମୁଦ୍ରତଟ' ମଧ୍ୟରେ ସ୍ଥାନ ଦିଆଯାଇସାରିଛି । ଶାନ୍ତ ବାତାବରଣ, ନୀଳ ଜଳରାଶି, ଧଳା ବାଲିର ବେଳାଭୂମି ଏବଂ ତା' ସାଙ୍ଗକୁ ଏଠାରେ ବିଭିନ୍ନ ରୋମାଞ୍ଚକର ଗତିବିଧି ପାଇଁ ସୁବିଧା ଥିବାରୁ କେବଳ ଭାରତୀୟ ପର୍ଯ୍ୟଟକ କାହିଁକି ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ବି ଏଠାକୁ ବୁଲି ଆସନ୍ତି ।

**ସୂର୍ଯ୍ୟୋଦୟର ଶୋଭା:** ଯଦି ଏଠାକାର ଶାନ୍ତ ବାତାବରଣରେ କିଛି ସମୟ ବିତାଇବାକୁ ଚାହୁଁଥାନ୍ତି, ତା'ହେଲେ ଭୋରରୁ ବିଚ୍ ନିକଟରେ ପହଞ୍ଚିଯିବେ । ଏହି ସମୟରେ ବେଶି ଲୋକ ଏଠାରେ ନ ଥାନ୍ତି । ବାସ୍, ନିରୋଳାରେ କିଛି ସମୟ ବସିବେ, ନଚେତ୍ ବେଳାଭୂମିରେ ଟିକେ ଚଲାବୁଲା କରିବେ ଏବଂ ଶେଷରେ ସୂର୍ଯ୍ୟୋଦୟର ଅପୂର୍ବ ଶୋଭାକୁ ଉପଭୋଗକରି ଫେରିଆସିବେ ।


**ସନ୍‌ବାଥ୍‌ର ମଜା:** ରାଧାନଗର ବିଚ୍‌ର ପରିଷ୍କାର ଧଳାବାଲିର ବେଳାଭୂମିରେ ଶୋଇବାର ମଜା ବି ବେଶ୍ ନିଆରା ଲାଗେ । ଖାସ୍‌କରି ବେଳାଭୂମିରେ ଶୋଇ ସନ୍‌ବାଥ୍‌ର ଆନନ୍ଦ ନେବା ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ ।

**ଦୁଃସାହସିକ କ୍ରୀଡ଼ାର ଆନନ୍ଦ:** ପର୍ଯ୍ୟଟକ ଏହି ବିଚ୍‌ରେ ଗାଧୋଇବା ସହ ସ୍କୁବା ଡାଇଭିଂ କରିବାର ମଧ୍ୟ ମଜା ନେଇପାରିବେ । ଏ ନେଇ ଏଠାରେ ସ୍ୱତନ୍ତ୍ର ଟ୍ରେନିଂ ବି ଦିଆଯାଇଥାଏ ।

**ସୂର୍ଯ୍ୟାସ୍ତର ଦୃଶ୍ୟ:** ରାଧାନଗର ବିଚ୍‌ର ବେଳାଭୂମିରେ ବସି ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ଉପଭୋଗ କରିବା ବି ବେଶ୍ ଆକର୍ଷକ ଲାଗିଥାଏ ।

## ନିକଟସ୍ଥ ପର୍ଯ୍ୟଟନ ସ୍ଥଳୀ

ରାଧାନଗର ବିଚ୍‌ର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି କେତେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି । ଯେମିତିକି:



**ଏଲିଫାଣ୍ଟ ବିଚ୍:** ରାଧାନଗର ବିଚ୍‌ଠାରୁ ମାତ୍ର ୨ କି.ମି. ଦୂରରେ ରହିଛି ଏଲିଫାଣ୍ଟ ବିଚ୍: ଯେଉଁଠାକୁ ପର୍ଯ୍ୟଟକ ଚାଲି ଚାଲି ଯିବାକୁ ଖୁବ୍ ପସନ୍ଦ କରିଥାନ୍ତି । ଏହା ମଧ୍ୟ ହେଉଛି ଅନ୍ୟତମ ଆକର୍ଷଣୀୟ ସମୁଦ୍ରତଟ ।

**କଳାପଥର ବିଚ୍:** ଏହା ମଧ୍ୟ ରାଧାନଗର ବିଚ୍‌ଠାରୁ ମାତ୍ର ଅଳ୍ପ କିଛି କି.ମି. ଦୂରରେ ଅବସ୍ଥିତ । କାଳା ପଠାର୍ ନାମକ ଏକ ଗାଁ ନିକଟରେ ଥିବା ଏହି ବିଚ୍ କୂଳରେ କିଛିଟା ପଥର ପଡ଼ିଥିବାର ଦେଖିବାକୁ ମିଳେ, ଯେଉଁଥିରେ ଶିଉଳି ଲାଗି ଲାଗି ତାହା କଳାରଙ୍ଗର ଦେଖାଯାଉଥାଏ । ତେଣୁ ଏହି ବିଚ୍‌ର ନାମ ଏପରି ରଖାଯାଇଥିବା ବିଶ୍ୱାସ କରାଯାଏ ।

**ଗୋବିନ୍ଦନଗର ବିଚ୍:** ଏହା ବି ରାଧାନଗର ବିଚ୍ ନିକଟସ୍ଥ ଅନ୍ୟତମ ଆକର୍ଷଣୀୟ ବିଚ୍ । କେବଳ ସେତିକି ନୁହେଁ, ହାଭେଲକ୍ ଦ୍ୱୀପର ସଦାବାହାର ବଣ ବି ପର୍ଯ୍ୟଟକଙ୍କୁ କିଛିଟା ନିଆରା ଅନୁଭୂତି ଦେଇଥାଏ । ରାଧାନଗର ବିଚ୍ ବୁଲି ଆସୁଥିବା ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଖୁସି ସାଉଁଟିପାରିବେ ।

**ଅନ୍ୟାନ୍ୟ ସୁବିଧା:** ପର୍ଯ୍ୟଟକଙ୍କ ରହିବା ଖାଇବା ପାଇଁ ଏଠାରେ ବେଶ୍ ସୁଲଭ ମୂଲ୍ୟରେ ରେଷ୍ଟୁରାଣ୍ଟ, କାଫେ ତଥା ହୋଟେଲ୍, ଲଜ୍ ଆଦିର ସୁବିଧା ରହିଛି । ସ୍ପା ପାଇଁ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି ।

**କେବେ ଓ କେମିତି ଯିବେ:** ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ମେ' ହେଉଛି ରାଧାନଗର ବିଚ୍ ବୁଲିଯିବା ପାଇଁ ପ୍ରକୃଷ୍ଟ ସମୟ । ସେହିପରି ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ଫ୍ଲାଇଟ୍ ହେଉ କି ପାଣି ଜାହାଜ ଯୋଗେ ପୋର୍ଟ ବ୍ଲେୟାର ଯାଇ ସେଠାରୁ ସିପ୍ଲେନ୍ ହେଉ ଅଥବା କଟମରେନ୍ ଯୋଗେ ହାଭେଲକ୍ ଦ୍ୱୀପରେ ପହଞ୍ଚିବାକୁ ପଡ଼ିବ । ତା'ପରେ ସେଠାରୁ ଟ୍ୟାକ୍ସି ଯୋଗେ ଜଣେ ଯାଇ ଆରାମରେ ରାଧାନଗର ବିଚ୍ ନିକଟରେ ପହଞ୍ଚିପାରିବ ।






# ମକାଓ କମେଡି ଫେଷ୍ଟିଭାଲରେ ଆମିର ସମ୍ମାନିତ

ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନଙ୍କୁ ଚୀନର ମକାଓ କମେଡି ଫେଷ୍ଟିଭାଲରେ ସମ୍ମାନିତ କରାଯାଇଛି । ଆମିର ଖାନ ଚୀନରେ ଖୁବ୍ ଲୋକପ୍ରିୟ । ତାଙ୍କର ଅନେକ ଫିଲ୍ମ ଚାଇନା ବକ୍ସ ଅଫିସରେ ଧକାମା ସୃଷ୍ଟି କରିଛି । ଦୁଇଟି ଫିଲ୍‌ମ ତ ଚାଇନା ବକ୍ସ ଅଫିସରେ ୫୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିଛି । ଏହି କ୍ରମରେ ତାଙ୍କୁ ପ୍ରଶଂସା କରାଯାଇଛି । ଆମିର ଖାନଙ୍କ ଗୋଟିଏ କି ଦୁଇଟି ନୁହେଁ, ୪ଟି ଫିଲ୍ମ ଚାଇନା ବକ୍ସ ଅଫିସ୍‌ରେ କମାଲ କରିଥିଲା । ଥ୍ରୀ ଇଡିୟଟ୍ (୨୦୦୯),ପିକେ (୨୦୧୪), ଦଙ୍ଗଲ ( ୨୦୧୬) ଓ ସିକ୍ରେଟ୍ ସୁପରଷ୍ଟାର (୨୦୧୭)ରେ ସେଠାରେ ଖୁବ୍ ପସନ୍ଦ କରାଯାଇ ଥିଲା । ଥ୍ରୀ ଇଡିୟଟ୍ ଚାଇନା ବକ୍ସ ଅଫିସ୍‌ରେ ୧୧ କୋଟି ଟଙ୍କା ଓ ପିକେ ୧୨୩ କୋଟି ଟଙ୍କାର କଲେକ୍ସନ କରିଥିଲା । ସେଠାରେ ଦଙ୍ଗଲ ଓ ସିକ୍ରେଟ୍ ସୁପରଷ୍ଟାର ୫୦୦ କୋଟି ଟଙ୍କାରୁ ଅଧିକ ଆୟ କରିଥିଲା ।

# ଦୋଛକିରେ ନୂସ୍‌ରତ୍

ନୂସ୍‌ରତ୍ ଭରୁଚା ଏବେ ଦୋଛକିରେ ପଡ଼ିଛନ୍ତି । କଥା କ'ଣ କି ଏବେ ତାଙ୍କୁ ଏକ ୱେବ୍ ସିରିଜରେ ଅଭିନୟ କରିବାକୁ ଅଫର ମିଳିଛି । ହେଲେ ସେଥିରେ ଟିକେ କେଁ ରହିଯାଇଛି । ଏହି ସିରିଜ୍‌ରେ ନୂସ୍‌ରତ୍ ଡବଲ୍ ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିବେ । ବାସ୍ ଏହା ହିଁ ତାଙ୍କର ମୁଣ୍ଡବିନ୍ଧାର କାରଣ ସାଜିଛି । ପୁଣି ସେପଟେ ଏଥିରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ । ଏଭଳି କଥା ବିଷୟରେ ସଫେଇ ଦେଇ ନୂସ୍‌ରତ୍ କହନ୍ତି, "ଡବଲ୍ ରୋଲ୍ ତୁଲାଇବା ସହଜ କଥା ନୁହେଁ । ଏହି ସିରିଜ୍ ଏକ ସସ୍‌ପେନ୍ସ ଥ୍ରୀଲର କାହାଣୀ ଉପରେ ଆଧାରିତ । ଏଥିରେ ମୁଁ ଜଣେ ଗାଉଁଲି ଏବଂ ଅନ୍ୟପଟରେ ଜଣେ ଆଧୁନିକା ଯୁବତୀ ଭୂମିକାରେ ଅଭିନୟ କରିବି । ତା' ସହ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି । ତେଣୁ ଏସବୁକୁ ନେଇ ମୁଁ ଦୋଛକିରେ ପଡ଼ିଯାଇଛି । ଆସନ୍ତା ସପ୍ତାହ ଭିତରେ ମୋତେ ଯାହା ହେଲେ ବି ଫାଇନାଲ୍ ଡିସିସନ୍ ନେବାକୁ ପଡ଼ିବ ।" ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ସସପେନ୍ସ ଥ୍ରୀଲର ଫିଲ୍ମ 'ଛୋରୀ ୨'ର ସଫଳତାକୁ ନେଇ ବି ସେ ବେଶ୍ ଆଶାବାଦୀ ଅଛନ୍ତି ।


ନୁସରତ


ରାଣୀ

# ଚାଲିଛି ସଜବାଜ

ରଶ୍ମିକା ମନ୍ଦାନାଙ୍କୁ ନେଇ ଏବେ ଚର୍ଚ୍ଚା ।। ୟା ପଛଷର ସେମିତି କାରଣ ମଧ ରହିଛି । କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି । ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ୍ ଆରମ୍ଭ କରିଦେଇଛନ୍ତି । ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ୍ କରିବାକୁ ବାଧ ହୋଇଛନ୍ତି । ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର ଟାଇଟଲ୍ ଫାଇନାଲ୍ ହୋଇନାହିଁ । ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁ ପାରିଛି । ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି । ଏହି ଅନଟାଇଟଲ୍‌ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ ।'





# ଇଚ୍ଛା ଥିଲା ଇଞ୍ଜିନିୟର ହେବା

ଦିଶା ପଟାନି ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଏକ ଆଶା ଥିଲା । ତାହା ହେଉଛି ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବା । କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ । ଦିଶା ପ୍ରଥମେ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିଥିଲେ । ଆକ୍ସନ-ଥ୍ରୀଲର କାହାଣୀକୁ ଆଧାର କରି ଏହି ସିନେମାର ଟାଇଟଲ୍ ଥିଲା 'ଲୋଫର' (୨୦୧୫) । ସବୁଠାରୁ ବଡ଼ କଥା ହେଲା ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ ଏହାର ନିର୍ଦ୍ଦେଶନା ଦେଇଥିଲେ । ଏ ବିଷୟରେ ଦିଶା କହନ୍ତି, "ପୁରୀ ଜଗନ୍ନାଥଙ୍କ ପରି ନାମୀ ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବି, ପୁଣଇ ତାହା ମୋର ପ୍ରଥମ ସିନେମା ହେବ ତାହା ମୁଁ କେବେ କଳ୍ପନା କରି ନଥିଲି । ଜଣେ ଅଭିନେତ୍ରୀ ହେବାର ଆଶା ରଖି ମୁଁ ତେଲୁଗୁ ସିନେମାରେ ପ୍ରବେଶ କରିଥିଲି । ସେହି କ୍ୟାମ୍ପରେ ମୁଁ ଯାହା ଅଭିଜ୍ଞତା ଅର୍ଜନ କରି ତାହା ମୋ ଅଭିନୟ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେଲା । ହେଲେ ପାଠ ପଢ଼ିବା ସମୟରେ ମୁଁ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବାକୁ ଆଶା ରଖିଥିଲି । କିନ୍ତୁ ମୋ ଭାଗ୍ୟରେ ଆଉ କିଛି ଲେଖାଥିଲା । ଯାହାହେଉ ଦର୍ଶକଙ୍କର ଭଲ ପାଇବା ପାଇଁ ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି ।" ୨୦୧୬ରେ ଦିଶା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ଫିଲ୍ମଟିର ଟାଇଟଲ୍ ଥିଲା 'ଏମ୍.ଏସ୍.ଧୋନି : ଦ ଅନଟୋଲ୍ଡ ଷ୍ଟୋରି' ।

# ରାଜି ନ ଥିଲେ ରାଣୀ

ଥରେ ମନେ ପକାନ୍ତୁ ନା ସଞ୍ଜୟ ଲୀଳା ଭଁସାଲିଙ୍କ ହିଟ୍ ସିନେମା 'ବ୍ଲାକ୍'କୁ । ଏଥିରେ ରାଣୀ ମୁଖାର୍ଜୀଙ୍କ ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା କମ୍ ହେବ । ଏଥିରେ ସେ ଜଣେ ଭିନ୍ନକ୍ଷମ ଯୁବତୀ ଭୂମିକାରେ ଅଭିନୟ କରିଥିଲେ । କିନ୍ତୁ ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେତେବେଳେ ସେ ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ । ଏପରିକି ଏଭଳି ଭୂମିକାରେ ଅଭିନୟ କରିବାକୁ ମନା କରିବାକୁ ସ୍ଥିର କରିଥିଲେ । ଏଭଳି ସ୍ଥିତିରେ ରାଣୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ସଞ୍ଜୟ । ଯାହାହେଉ ଶେଷରେ ଏହି ରୋଲ୍‌କୁ ନେଇ ତାଙ୍କ ମନରେ ସୃଷ୍ଟି ହୋଇଥିବା ସମସ୍ତ ପ୍ରଶ୍ନର ଉତ୍ତର ସତେ ଯେମିତି ତାଙ୍କୁ ମିଳିଯାଇଥିଲା । ଏ ବିଷୟରେ ରାଣୀ କହନ୍ତି, "ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ ଏଭଳି ଏକ ଭୂମିକା ନେଇ ମୁଁ ଚିନ୍ତାରେ ପଡ଼ିଯାଇଥିଲି । ଏହାକୁ ଠିକ୍‌ରେ ତୁଲାଇ ପାରିବି କି ନାହିଁ ସେ ନେଇ ଅଡୁଆରେ ପଡ଼ିଥିଲି । କିନ୍ତୁ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା ପରେ ମୋ ମନରେ ସୃଷ୍ଟି ହୋଇଥିବା ସବୁ ସନ୍ଦେହ ଦୂର ହୋଇଯାଇଥିଲା । ଏହି ଫିଲ୍ମ ମୋ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ସିନେମା ହୋଇ ରହିବ ।" ଏଥିରେ ଅମିତାଭ ବଚ୍ଚନ ଜଣେ ଶିକ୍ଷକ (ଦେବରାଜ) ଭୂମିକରେ ଅଭିନୟ କରିଥିଲେ ।



# ସନ୍ନିଙ୍କ ବିରୋଧରେ ମାମଲା

ସନ୍ନି ଦେଓଲ୍ ତାଙ୍କ 'ଜାଟ୍' ପାଇଁ ଚର୍ଚ୍ଚାରେ ଅଛନ୍ତି । ସମସ୍ତଙ୍କ ଆଖି ଏହି ଚଳଚ୍ଚିତ୍ରର କଲେକସନ୍ ଉପରେ ଅଛି । କିନ୍ତୁ ଫିଲ୍ମ ବର୍ତ୍ତମାନ ଫ୍ଲପ୍ ହେବା ଆଡକୁ ଗତି କରୁଛି । ଅନ୍ୟପକ୍ଷରେ, 'ଜାଟ' ଦଳର ସମସ୍ୟା ବଢୁଥିବାର ଜଣାପଡିଛି । ଧାର୍ମିକ ଭାବନାକୁ ଆଘାତ ଦେଇଥିବାର ଅଭିଯୋଗରେ ସନ୍ନି ଦେଓଲ, ରଣଦୀପ ହୁଡା, ଚଳଚ୍ଚିତ୍ର ନିର୍ଦ୍ଦେଶକ ଗୋପୀଚାନ୍ଦ ମଲିନେନି ଏବଂ ନିର୍ମାତା ନବୀନ ୟର୍ନେନିଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି । ପୋଲିସକୁ ଦିଆଯାଇଥିବା ଅଭିଯୋଗରେ ଅଭିଯୋଗକାରୀ କହିଛନ୍ତି ଯେ 'ଜାଟ' ଚଳଚ୍ଚିତ୍ରରେ ଯୀଶୁଙ୍କୁ ଟାଙ୍ଗିଥିବାର ଦୃଶ୍ୟ ଦେଖାଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଧାର୍ମିକ ଭାବନା କ୍ଷତିଗ୍ରସ୍ତ ହୋଇଛି । ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଅଭିଯୋଗ କରିଛି ଯେ ଫିଲ୍ମ 'ଜାଟ'ର ଏକ ଦୃଶ୍ୟ ଧାର୍ମିକ ଭାବନାକୁ ଆଘାତ ଦେଇଛି । ଯେଉଁଥିପାଇଁ ସନ୍ନି, ରଣଦୀପ, ଗୋପୀଚାନ୍ଦ ଏବଂ ନବୀନଙ୍କ ବିରୋଧରେ ଏଫଆଇଆର ଦାଖଲ କରାଯାଇଛି । ଅଭିଯୋଗରେ ଦର୍ଶାଯାଇଛି ଯେ ଖ୍ରୀଷ୍ଟିଆନ ଧର୍ମରେ ବ୍ୟବହୃତ ପବିତ୍ର ଜିନିଷକୁ ଅସମ୍ମାନ କରାଯାଇଛି । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ନିର୍ମାତା ଏପରି ଦୃଶ୍ୟ ଯୋଡିଥିବା ନେଇ ଅଭିଯୋଗ ହୋଇଛି । ଯାହା ଏକ ଧାର୍ମିକ ପ୍ରତୀକକୁ ଅପମାନିତ କରୁଛି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଏକ ଚଳଚ୍ଚିତ୍ର ସୃଷ୍ଟି କରୁଥିବା ଦୃଶ୍ୟରେ ଭିଲେନ୍ ରଣଦୀପ ହୁଡା ଚର୍ଚ୍ଚର ପବିତ୍ର ମଞ୍ଚ ଭିତରେ ଠିଆ ହୋଇଥିବା ନଜର ଆସିଛନ୍ତି । ଏହି ସମୟ ମଧ୍ୟରେ, ଚର୍ଚ୍ଚ ଭିତରେ ମାରପିଟ୍ ଏବଂ ଧମକର ଦୃଶ୍ୟ ଦେଖିବାକୁ ମିଳେ । ଏହା ବ୍ୟତୀତ ଅନେକ ଜିନିଷ ମଧ ଆପତ୍ତିଜନକ ବୋଲି କୁହାଯାଉଛି ।

# ଫ୍ରାନ୍ସ ଲଗଜୁରି ବ୍ରାଣ୍ଡ 'ଚ୍ୟାନେଲ୍'ର ବ୍ରାଣ୍ଡ ଆମ୍ବାସାଡର ହେଲେ ଅନନ୍ୟା

ଫ୍ରାନ୍ସ ଲଗଜୁରି ବ୍ରାଣ୍ଡ 'ଚ୍ୟାନେଲ୍'ର ବ୍ରାଣ୍ଡ ଆମ୍ବାସାଡର ହେଲେ ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ । ସେ ପ୍ରଥମ ବଲିଉଡ ଷ୍ଟାର ଭାବରେ ଏହି ସଫଳତା ହାସଲ କରିଛନ୍ତି । ବର୍ତ୍ତମାନ ଭାରତ ବିଶ୍ୱ ଲଗଜରୀ ବଜାରର ଏକ ମଞ୍ଚ ହେବାକୁ ଯାଉଛି । ଏଥିପାଇଁ ଅନେକ ଆଇକନିକ ବ୍ରାଣ୍ଡ କେବଳ ଭାରତୀୟଙ୍କ ପାଇଁ ସେମାନଙ୍କର ସ୍ୱତନ୍ତ୍ର କଲେକ୍ସନ ପ୍ରଦର୍ଶନ କରୁଛନ୍ତି । ଏରି ସ୍ଥଳ ଅନନ୍ୟାଙ୍କର ଫ୍ରେଞ୍ଚ୍ ଲଗ୍‌ଜୁରି ବ୍ରାଣ୍ଡ ଚ୍ୟାନେଲ୍‌ର ବ୍ରାଣ୍ଡ ଆମ୍ବାସାଡର ହେବା ନିହାତୀ ଗୌରବର କଥା । ଅନନ୍ୟା ଚ୍ୟାନେଲ୍‌ର ପ୍ରଥମ ଭାରତୀୟ ଆମ୍ବାସାଡର ହୋଇଛନ୍ତି । ଏନେଇ କମ୍ପାନୀ କହିଛି ଯେ ଅଭିନେତ୍ରୀ ବଦଳୁଥିବା ରୁଚି ସହିତ ଏକ ସ୍ୱତନ୍ତ୍ର ପିଢ଼ିକୁ ଦର୍ଶାଉଛନ୍ତି, ଯେଉଁମାନେ ନାନା ଜିଜ୍ଞାସାର ସହିତ ଦୁନିଆଁରେ ଆଗକୁ ବଢ଼ନ୍ତି । ତେଣୁ ଅନନ୍ୟାଙ୍କର ମୂଲ୍ୟବୋଧ ଚ୍ୟାନେଲ୍‌ର ଆଭିମୁଖ୍ୟକୁ ଦର୍ଶାଉଛି । ତେଣୁ ସେ କମ୍ପାନୀ ସଠିକ୍ ବିକଳ୍ପ ବୋଲି କମ୍ପାନୀ କହିଛି । ଅନନ୍ୟା ମଧ ବ୍ରାଣ୍ଡ୍ ସହିତ ଯୋଡ଼ି ହୋଇ ଖୁସୀ ବ୍ୟକ୍ତ କରିଛନ୍ତି । ଗତବର୍ଷ ପ୍ୟାରିସରେ ଅନୁଷ୍ଠିତ ଚାନେଲର ସମର୍ ୨୦୨୫ ଶୋ'ରେ ଅନନ୍ୟାଙ୍କୁ ଦେଖିବାକୁ ମିଳିବା ପରେ କମ୍ପାନୀ ତାଙ୍କୁ ଆମ୍ବାସାଡର କରିବାକୁ ନିଷ୍ପତ୍ତି ନେଇଥିଲା । ଏହି ଶୋ'ରେ ଯୋଗଦେବା ସମୟରେ ଅଭିନେତ୍ରୀ ଚାନେଲର କ୍ରୁଜ୍ କଲେକ୍ସନ୍ ପିନ୍ଧିଥିଲେ । ସେବେଠାରୁ ସେ ବ୍ରାଣ୍ଡ୍ ସହିତ ଜଡ଼ିତ ଥିଲେ । ଅନନ୍ୟା ତାଙ୍କ ଭଉଣୀ ରାଇସା ପାଣ୍ଡେଙ୍କ ସହ ଶୋ'ରେ ଯୋଗ ଦେଇଥିଲେ । ଅନନ୍ୟା ଆନ୍ତର୍ଜାତୀୟ ବ୍ରାଣ୍ଡ ଭାବେ କେବଳ ଚ୍ୟାନେଲର ପ୍ରଚାର କରନ୍ତି ନାହିଁ, ବରଂ ସ୍ୱରୋଭସ୍କିର ଜିମି ଚୁଙ୍କ ଭାରତ ଅଭିଯାନର ଏକ ଅଂଶ ମଧ ଥିଲେ । ଏଥିସହିତ ସେ ଲାକ୍‌ମୀ, ବିଟ୍ସ ଏବଂ ଟାଇମେକ୍ସ ଭଳି ଲେବଲର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଅନେକ ଆନ୍ତର୍ଜାତୀୟ ଲଗଜରୀ ବ୍ରାଣ୍ଡ ଭାରତୀୟ ଅଭିନେ ଓ ଅଭିନେତ୍ରୀଙ୍କୁ ନିଜ ସହ ଯୋଡ଼ିଛନ୍ତି ।



# 'ନୋ ଏଣ୍ଟ୍ରି-୨'ରେ ତମନ୍ନାଙ୍କ ଏଣ୍ଟ୍ରି

ଫିଲ୍ମ 'ନୋ ଏଣ୍ଟ୍ରି-୨'ରେ ଅନ୍ୟତମ ମୁଖ୍ୟ କଳାକାର ଭାବେ ନଜର ଆସିବେ ତମନ୍ନା ଭାଟିଆ । ଫିଲ୍ମରେ ଅର୍ଜୁନ କପୁର, ବରୁଣ ଧୱନ ଓ ଦିଲଜିତ ଦୋସାଂଝ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ତେବେ ନିର୍ମାତା ଅଦ୍ୟାବଧି କୌଣସି ଲିଡ୍ ଲେଡିଙ୍କ ନାଁ ଘୋଷଣା କରିନାହାନ୍ତି । ଗତ ବର୍ଷ ଏପ୍ରିଲ ୪ରେ ବୋନି କପୁର ଫିଲ୍ମର ସିକ୍ୱେଲ ଘୋଷଣା କରିଥିଲେ । କେବଳ ପୁରୁଷ କଳାକାର ଓ ନିର୍ଦ୍ଦେଶକ ଅନୀସ ବଜ୍‌ମୀଙ୍କ ନାଁ ଘୋଷଣା କରିଥିଲେ । ବଲିଉଡ୍ ୱେବ୍‌ସାଇଟ୍ ପିଙ୍କି ମୁନ୍‌ରେ ଏକ ରିପୋର୍ଟ ସାମ୍ନାକୁ ଆସିଛି । ଏଥିରେ ଉଲ୍ଲେଖ ହୋଇଛି, ଫିଲ୍ମ 'ନୋ ଏଣ୍ଟ୍ରି'ରେ ବିପାଶା ବସୁ ଯେଉଁ ଭୂମିକାରେ ଅଭିନୟ କରିଥିଲେ, ସିକ୍ୱେଲରେ ସେହିଭଳି ଭୂମିକାରେ ନଜର ଆସିବେ ତମନ୍ନା । ମୂଳ ଫିଲ୍ମ ୨୦୦୫ ମସିହାରେ ମୁକ୍ତିଲାଭ କରିଥିଲା । ମୁଖ୍ୟ ଭୂମିକାରେ ଥିଲେ ସଲମାନ ଖାନ୍ ଓ ଅନିଲ କପୁର । ପୂର୍ବରୁ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା, ଏହାର ସିକ୍ୱେଲ ପାଇଁ ନିର୍ମାତା ମାନୁଷୀ ଛିଲ୍ଲର ଓ ଅଦିତି ରାଓ ହେଦରୀଙ୍କ ସହ ସମ୍ପର୍କ କରିଥିଲେ । କିନ୍ତୁ ଅଦ୍ୟାବଧି ଏ ନେଇ କିଛି ସ୍ପଷ୍ଟ ଖବର ଆସିନାହିଁ । ଇତିମଧ୍ୟରେ ନିର୍ଦ୍ଦେଶକ ଅନୀସ ବଜ୍‌ମୀ ବର୍ଷ ଆରମ୍ଭରେ ଏକ ଇନ୍‌ଷ୍ଟା ପୋଷ୍ଟ୍ ଶେୟାର କରିଥିଲେ । 'ନୋ ଏଣ୍ଟ୍ରି-୨'ର ସୁଟିଂ ପାଇଁ ସେ ସ୍ଥାନ ଖୋଜୁଥିବା କହିଥିଲେ । ଗ୍ରୀକ୍‌ର କିଛି ଫଟୋ ଶେୟାର କରି 'ନୋ ଏଣ୍ଟ୍ରି-୨'ର ପାଗଳାମି ପାଇଁ ନୂଆ ରୋମାଞ୍ଚକର ସ୍ଥାନ ଖୋଜୁଥିବା କ୍ୟାପ୍‌ସନ ଲେଖିଥିଲେ ।



# ଜେଇଇ ମେନରେ କିସ୍‌ର ୧୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ



ଭୁବନେଶ୍ୱର : ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଆଜି ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୭ଜଣ ଛାତ୍ରୀ ଥିବା ବେଳେ ୫ଜଣ ଛାତ୍ର ରହିଛନ୍ତି । ଏମାନେ ଜେଇଇ ଆଡଭାନସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଝାଡ଼ଖଣ୍ଡରୁ ଆସି କିସ୍ ଏ ରେ ପାଠ ପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି । ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ସହ ଶ୍ରୀ ସାମନ୍ତ କହିଛନ୍ତି ପ୍ରତିବର୍ଷ କିସର ଛାତ୍ରଛାତ୍ରୀମାନେ ଜେଇଇ ପରୀକ୍ଷାରେ ସଫଳତା ହାସଲ କରିଆସୁଛନ୍ତି । କେବଳ ଜେଇଇ ନୁହେଁ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଆସୁଛନ୍ତି । ସେମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯିବା ସହ ଗୁଣାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଥିବାରୁ ସେମାନେ ଏଭଳି ସଫଳତା ହାସଲ କରିପାରୁଛନ୍ତି । ଏଥିପାଇଁ ଶ୍ରୀ ସାମନ୍ତ କିସର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

## ଆଇଆଇଏମ୍ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ସମାରୋହ

# ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବ : ପି.କେ.ମିଶ୍ର

ନୂଆଦିଲ୍ଲୀ (ପିଆଇବି) : ପାଞ୍ଚ ଟ୍ରିଲିୟନ ଅର୍ଥବ୍ୟବସ୍ଥା କେବଳ ଏକ ଜିଡିପି ସଂଖ୍ୟା ନୁହେଁ ବରଂ ଏହାର ଅର୍ଥ ହେଉଛି ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା, ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ସଶକ୍ତିକରଣ ସୁନିଶ୍ଚିତ କରିବା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର । ଆଜି ଆଇଆଇଏମ ସମ୍ବଲପୁରର ନବମ ବାର୍ଷିକ ସମାବର୍ତ୍ତନ ସମାରୋହରେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମୃତ କାଳର ସଂକଳ୍ପରୁ ପ୍ରେରଣା ନେବାକୁ ନିବେଦନ କରିଥିଲେ । ସେ କହିଥିଲେ, ପ୍ରଧାନମନ୍ତ୍ରୀ 'ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ' ଜରିଆରେ ଦେଶକୁ ଶୀର୍ଷ ସ୍ତରକୁ ନେଇଯିବା ଲାଗି ଚାହୁଁଛନ୍ତି । ଏହି ପ୍ରୟାସରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମସ୍ତଙ୍କ ପ୍ରୟାସ ବଳରେ ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ । ''ସାମ୍ପ୍ରତିକ ଭୂ-ରାଜନୈତିକ ଓ ଆର୍ଥିକ ପରିଦୃଶ୍ୟରେ ସୁଯୋଗ ଓ ଆହ୍ୱାନ'' ଶୀର୍ଷକ ବିଷୟବସ୍ତୁ ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ, ବିଶ୍ୱ ଅର୍ଥବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଥିବାରୁ ଆମେ ସମସ୍ତେ ଏକ ଉତ୍ସାହଜନକ ଏବଂ ଆହ୍ୱାନପୂର୍ଣ୍ଣ ସମୟରେ କାଳାତିପାତ କରୁଛୁ । ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ଉତ୍ପନ୍ନ ହେବା ସହିତ, ଭୂ-ରାଜନୈତିକ ଉତ୍ତେଜନା ଏବଂ ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ ସ୍ଥିତି ସମେତ ଅନେକ ଜଟିଳ ଆହ୍ୱାନ ବିଶ୍ୱ ଅର୍ଥବ୍ୟବସ୍ଥା ଆଗରେ ଛିଡ଼ା ହୋଇଛି । ଡକ୍ଟର ମିଶ୍ର କହିଥିଲେ ଯେ, ବର୍ତ୍ତମାନ ଆମେ ଏକ ବ୍ୟାପକ ପ୍ରଯୁକ୍ତିଗତ ଘଟଣାକ୍ରମର ସାକ୍ଷୀ ହେଉଛୁ । ଅନୁରୂପ ଭାବେ ଯୋଗାଣ ଶୃଙ୍ଖଳ ପରିବର୍ତ୍ତନ ହେଉଛି ଏବଂ ବାଣିଜ୍ୟ ସମ୍ପର୍କ ପୁନଃ ପରିଭାଷିତ ହେଉଛି । ସେ କହିଥିଲେ, ଜଳବାୟୁ ଏବଂ ଦୀର୍ଘସ୍ଥାୟୀତ୍ୱକୁ ସବୁ



ଆଲୋଚନାର କେନ୍ଦ୍ରରେ ରଖାଯିବା ଉଚିତ୍ ? । ଭବିଷ୍ୟତ ଉତ୍ତରାଧିକାର ସୂତ୍ରରେ ମିଳିବ ନାହିଁ ବରଂ ଏଥିପାଇଁ ଆମକୁ ପ୍ରସ୍ତୁତି କରିବାକୁ ହେବ । ଆଭ୍ୟନ୍ତରୀଣ ପରିବର୍ତ୍ତନ ଏବଂ ବିଶ୍ୱ ପରିଦୃଶ୍ୟ ବଦଳିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଭାରତର ସ୍ଥିତି ସୁଦୃଢ଼ ହେବା ସକାରାତ୍ମକ ପରିବେଶ ସୃଷ୍ଟି କରୁଛି ବୋଲି ଡକ୍ଟର ମିଶ୍ର କହିବା ସହିତ ଭାରତର ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରମୁଖ ସଚିବ କହିଥିଲେ, ଆଭ୍ୟନ୍ତରୀଣ ଦୃଷ୍ଟିରୁ ଦେଖିଲେ, ଗୋଟିଏ ପଟେ ବିକାଶଶୀଳ ଅର୍ଥବ୍ୟବସ୍ଥା, ଯୁବ ଜନସଂଖ୍ୟା, ବିସ୍ତାରିତ ଭିତ୍ତିଭୂମି ଏବଂ ପ୍ରଯୁକ୍ତି ଆଧାରିତ ପ୍ରଗତି ଆମର ସାମର୍ଥ୍ୟ ହୋଇଥିବା ବେଳେ ବିଶ୍ୱସ୍ତରରେ ଭାରତର ଭୂ-ରାଜନୈତିକ ପ୍ରଭାବ, ରଣନୀତିକ ଭାଗିଦାରୀ, ପ୍ରବାସୀ ଭାରତୀୟ, ବିଶ୍ୱ ପ୍ରଭାବ ଦୃଷ୍ଟିରୁ ଭାରତର ସଫ୍ଟ ପାୱାର ଅନ୍ତର୍ଜାତୀୟ ସ୍ତରରେ ଦେଶର ସ୍ଥିତିକୁ ସୁଦୃଢ଼ କରିଛି । ଡକ୍ଟର ମିଶ୍ର ବିଶ୍ୱ ନବସୃଜନ ଶକ୍ତି କେନ୍ଦ୍ର ଭାବେ ଭାରତର ଦକ୍ଷତାର ଉଦାହରଣ ଦେଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ୧୦୦ ୟୁନିକର୍ଣ୍ଣ ସହ ଆମେମାନେ ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମ ହୋଇପାରିଛୁ । ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଉପରେ ମତ ରଖି ଇଲେକ୍ଟ୍ରୋନିକ୍ସ, ଫାର୍ମା ଏବଂ ସୌର ଭଳି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଛି ବୋଲି ଡକ୍ଟର ମିଶ୍ର କହିଥିଲେ । ଏହା ପରିଚାଳନା, ଲଜିଷ୍ଟିକ୍ସ, ଯୋଗାଣ ଶୃଙ୍ଖଳ ରଣନୀତି ଏବଂ ଉତ୍ପାଦନ ଉତ୍କର୍ଷତାରେ ଉତ୍ସାହଜନକ ଭୂମିକା ପାଇଁ ମାର୍ଗପ୍ରଶସ୍ତ କରିଛି ବୋଲି କହିଥିଲେ । ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମତ ରଖି ଡକ୍ଟର ମିଶ୍ର କହିଥିଲେ, ଦେଶରେ ଏବେ ୮୦ କୋଟିରୁ ଅଧିକ ଇଣ୍ଟରନେଟ ଉପଭୋକ୍ତା ରହିଛନ୍ତି । ଏଆଇ, ମସିନ ଲର୍ଣ୍ଣିଂ, ବ୍ଲକଚେନ୍ ଓ ଇଣ୍ଡଷ୍ଟ୍ରୀ ୪.୦ ଏବେ ବାସ୍ତବତାରେ ପରିଣତ ହୋଇଛି । ଭାରତର ଜଳବାୟୁ ପ୍ରତିବଦ୍ଧତାକୁ ରେଖାଙ୍କିତ କରି ଡକ୍ଟର ମିଶ୍ର ଦୃଢ଼ତାର ସହ କହିଥିଲେ ଯେ ଭାରତର ଲକ୍ଷ୍ୟ ହେଉଛି, ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅଣଜୀବାଶ୍ମ ଇନ୍ଧନ କ୍ଷମତା ହାସଲ କରିବା । ଜାତୀୟ ସବୁଜ ଉଦଯାନ ମିଶ୍ ଏବଂ ଅନ୍ତର୍ଜାତୀୟ ସୌର ମେଣ୍ଟ, ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ଆଦିରେ ଭାରତର ପ୍ରୟାସ ବିଷୟରେ ଆଲୋକପାତ କରି ସେ କହିଥିଲେ, ସବୁଜ ପ୍ରଯୁକ୍ତି, ସବୁ ପାଣ୍ଠିଯୋଗାଣ, ଇଭି, କାର୍ବନ ଟ୍ରେଡ଼ିଂ, ଚକ୍ରାକାର ଅର୍ଥବ୍ୟବସ୍ଥା ଆଦିରେ ପ୍ରଶିକ୍ଷିତ ଓ ଅଭିନବ ପ୍ରତିଭାଙ୍କର ଚାହିଦା ବଢ଼ିବ । ଏହି କ୍ଷେତ୍ରରେ ଦକ୍ଷତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ୨୦୦ ବିଲିୟନ ଡଲାର ଅତିକ୍ରମ କରିଥିବା ଆମର ଆଇଟି ରପ୍ତାନୀ ଉପରେ ଆଲୋକପାତ କରିବା ସହ ଡକ୍ଟର ମିଶ୍ର କହିଥିଲେ ଯେ ଆମର ଔଷଧ ବିଶ୍ୱ ପାଇଁ ଏକ ଜୀବନରେଖା ହୋଇ ରହିଛି । ସେ କହିଥିଲେ, “ମେଡ୍ ଇନ୍ ଇଣ୍ଡିଆ” ଉପରେ ବୃଦ୍ଧି ପାଉଥିବା ଆତ୍ମବିଶ୍ୱାସ ସହିତ, ବିଶ୍ୱ ବଜାର ପୂର୍ବ ଅପେକ୍ଷା ଅଧିକ ସୁଗମ୍ୟ ହୋଇଛି । ଏହି ପରିପ୍ରେକ୍ଷୀରେ ସେ ବିଶ୍ୱକୁ ରପ୍ତାନୀ କରୁଥିବା ବ୍ୟବସାୟର ନେତୃତ୍ୱ ନେବାକୁ କିମ୍ବା ଭାରତୀୟ ମାଟିରୁ ବିଶ୍ୱ ଯୋଗାଣ ନେଟୱାର୍କ ପରିଚାଳନା କରିବାକୁ ଆହ୍ୱାନ ଦେଇଥିଲେ । ଡକ୍ଟର ମିଶ୍ର ନିର୍ଦ୍ଦିଷ୍ଟ ଭାବେ କହିଥିଲେ, ଭାରତକୁ ବାର୍ଷିକ ୮-୧୦ ନିୟୁତ ଗୁଣବତ୍ତାପୂର୍ଣ୍ଣ ରୋଜଗାର ଏବଂ ଏହାର ଅନୁରୂପ ଦକ୍ଷତା ଓ ଶିକ୍ଷା ଆବଶ୍ୟକତା ପୂରଣ କରିବାର ଆବଶ୍ୟକତା ରହିଛି । ସରକାରଙ୍କ ଡିଜିଟାଲ ଇଣ୍ଡିଆ ଏବଂ ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ଡକ୍ଟର ମିଶ୍ର ଏହି ଘରୋଇ କ୍ଷେତ୍ରରେ ଚାମ୍ପିଅନମାନଙ୍କ ଭୂମିକା ଉପରେ ଆଲୋକପାତ କରିଛନ୍ତି ଯେଉଁମାନେ ବଞ୍ଚିତମାନଙ୍କୁ ଡିଜିଟାଲ କୌଶଳ ପ୍ରଦାନ କରିବାରେ

# ୱେଭ୍ସ-୨୦୨୫ ପୂର୍ବରୁ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପ୍ରମୁଖଙ୍କ ସହ ବିଚାରବିମର୍ଶ କଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ (ପିଆଇବି) : କ୍ରିଏଟର ବା ନିର୍ମାତାଙ୍କ ଦୁନିଆ ଏବଂ ସେମାନଙ୍କର ଅର୍ଥବ୍ୟବସ୍ଥା ଏକ ମୌଳିକ ପରିବର୍ତ୍ତନ ଦେଇ ଗତି କରୁଛି । ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଅଡିଓ ଭିଜୁଆଲ୍ ଏବଂ ମନୋରଞ୍ଜନ ସମ୍ମିଳନୀ ପୂର୍ବରୁ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବିଭିନ୍ନ ସମାଚାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ଏହା କହିଛନ୍ତି । ଏହି ଆଲୋଚନାରେ ଜାତୀୟ ତଥା ଆଞ୍ଚଳିକ ସମ୍ବାଦ ଗଣମାଧ୍ୟମର ପ୍ରାୟ ୨୫ଟି ଗଣମାଧ୍ୟମ ସଂସ୍ଥାର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଓଡ଼ିଶାରୁ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ ଏହି ଆଲୋଚନାରେ ଉପସ୍ଥିତ ଥିଲେ । ବର୍ତ୍ତମାନ ଦେଖାଦେଉଥିବା ଆହ୍ୱାନଗୁଡ଼ିକ ଉପରେ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ, ପ୍ରଯୁକ୍ତିର ଆଗମନ ସହିତ ପୁରୁଣା ମଡେଲ ନୂତନ ମଡେଲକୁ ବାଟ ଦେଉଛି, ସୁଯୋଗ ସୃଷ୍ଟି କରିବା ସହିତ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି । ଗଣମାଧ୍ୟମ ଜଗତର ସ୍ୱରୂପ ବଦଳୁଛି ବୋଲି ସେ କହିଛନ୍ତି ଏବଂ ନୂତନ ମଡେଲକୁ ପ୍ରକ୍ରିୟା ଦେବା ପାଇଁ ଏକ ଦେଶ ଭାବରେ ସାମୂହିକ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏକ ଉଦାହରଣ ଦେଇ ସେ କହିଛନ୍ତି ଯେ ଅତୀତରେ କୌଣସି ବିଷୟବସ୍ତୁ ବା କଣ୍ଟେଣ୍ଟ ସୃଷ୍ଟି କରିବା ପାଇଁ ଏକ ବଡ଼ ଷ୍ଟୁଡିଓର ଆବଶ୍ୟକତା ଥିଲା । ଆଜି ଝାଡ଼ଖଣ୍ଡ କିମ୍ବା କେରଳର ଏକ ଦୁର୍ଗମ ଗାଁର ଜଣେ ନିର୍ମାତା



ଭଲ ଗୁଣବତ୍ତାର କଣ୍ଟେଣ୍ଟ ସୃଷ୍ଟି କରିପାରିବେ ଏବଂ ଲକ୍ଷ ଲକ୍ଷ ଦର୍ଶକଙ୍କ ଆଦୃତି ପାଇପାରିବେ । ସେ ଉଲ୍ଲେଖ କରିଥିଲେ ଯେ ନିର୍ମାତାଙ୍କ ଅର୍ଥବ୍ୟବସ୍ଥା ଦ୍ରୁତ ଗତିରେ ବୃଦ୍ଧି ପାଉଛି । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଆମର ଦୂରଦୃଷ୍ଟିସମ୍ପନ୍ନ ପ୍ରଧାନମନ୍ତ୍ରୀ ବିଶ୍ୱ ସ୍ତରରେ ଭାରତର ସଫ୍ଟ ପାୱାରକୁ ପ୍ରୋତ୍ସାହିତ କରି ଅର୍ଥବ୍ୟବସ୍ଥାରେ ନିର୍ମାତାଙ୍କ କାର୍ଯ୍ୟ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକାର କରିଛନ୍ତି । ଡାଭୋସ୍ ଯେପରି ଆର୍ଥିକ ନୀତି ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ ଭାବେ କାର୍ଯ୍ୟ କରୁଛି, ସେହିପରି ୱେଭସ୍ ମଧ୍ୟ ଗଣମାଧ୍ୟମ ଓ ମନୋରଞ୍ଜନ ପାଇଁ ନିଜକୁ ଏକ ବିଶ୍ୱସ୍ତରୀୟ ମଞ୍ଚ ଭାବେ ବିକଶିତ କରିବାକୁ ଚାହୁଁଛି ବୋଲି ସେ କହିଥିଲେ । ୱେଭ୍ସ ୨୦୨୫ ପାଇଁ ୧ ଲକ୍ଷରୁ ଅଧିକ ପଞ୍ଜୀକରଣ ସହିତ ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ବିପୁଳ ପ୍ରୋତ୍ସାହନ ମିଳିଛି । ବିକଶିତ ହେଉଥିବା ବୈଶ୍ୱିକ ଗଣମାଧ୍ୟମ ଏବଂ ମନୋରଞ୍ଜନ ପରିଦୃଶ୍ୟରେ ସେମାନଙ୍କ ଅବଦାନକୁ ପାଳନ କରି ଶ୍ରେଷ୍ଠ ଉଦ୍ଭାବକମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ । ଶ୍ରୀ ବୈଷ୍ଣବ କହିଥିଲେ, ଆମେ ବିଶ୍ୱକୁ ଆମର ନିର୍ମାତାଙ୍କ ସହ ଯୋଡ଼ିବା ପାଇଁ ଏକ ଉପାୟ ଖୋଜୁଛୁ । ବ୍ୟାପକ ସୃଜନଶୀଳ ସମାଧାନ ପାଇଁ ନିର୍ମାତା, କ୍ରେତା ଏବଂ ବଜାର ମଧ୍ୟରେ ୱେଭ୍ସ ଏକ ବିଶ୍ୱସ୍ତରୀୟ ସଂଯୋଗକାରୀ ଭାବରେ ଉଭା ହେଉଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ୱେଭ୍ସ ଜରିଆରେ, କ୍ରେତା ଏବଂ ବିକ୍ରେତାମାନେ ଏକ ମଞ୍ଚ ପାଉଛନ୍ତି, ଯେଉଁଠାରେ ନିର୍ମାତାମାନେ ସେମାନଙ୍କ କଣ୍ଟେଣ୍ଟ ପ୍ରଦାନ କରିପାରିବେ ଏବଂ ସଂସ୍କୃତିକ ଗୁଣାତ୍ମକ ସୃଜନଶୀଳ କାର୍ଯ୍ୟର ଉତ୍ସ ପାଇପାରିବେ । ମିଡିଆ ଓ ମନୋରଞ୍ଜନ କ୍ଷେତ୍ରରେ ନୀତି ନିର୍ଦ୍ଧାରକ, ନିର୍ମାତା, ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତି, ପେଶାଦାର ଏବଂ ଷ୍ଟାର୍ଟଅପଗୁଡ଼ିକୁ ଗୋଟିଏ ମଞ୍ଚରେ ଆଣିବା ପାଇଁ ୱେଭ୍ସ ରୂପରେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଆଲୋଚନାରେ ଅଂଶଗ୍ରହଣ କରି, ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ମୁଖ୍ୟମାନେ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଜାଜୁ ସମସ୍ତ ଅଂଶଗ୍ରହଣକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ ଏବଂ ଗଣମାଧ୍ୟମ ପରିଦୃଶ୍ୟର ଭବିଷ୍ୟତକୁ ରୂପ ଦେବାରେ ସାମୂହିକ ଆଲୋଚନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ମଞ୍ଚରେ ଅଂଶୀଦାରମାନଙ୍କ ସହିତ ଯୋଡ଼ି ହେବା ପାଇଁ ମନ୍ତ୍ରଣାଳୟର ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ୱେଭ୍ସ ୨୦୨୫ର ଅଗ୍ରଗତିରେ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ କେନ୍ଦ୍ରା ଗ୍ରାମର ଜନଜାତି, ଜହ୍ନ ଆଲୁଅରେ ରାତି ବିତୁଛି

ରାୟଗଡ଼ା (ମାନିସ) : ଦେଶ ସ୍ୱାଧୀନ ହୋଇ ୭୮ ବର୍ଷ ତଥା ୭ ଦଶନ୍ଧି ବିତିଯାଇଛି ହେଲେ ଏବେ ସୁଦ୍ଧା ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହେବା ସହ ବିକାଶ ସାତସପନ ହୋଇ ଯାଇଛି । ରାୟଗଡା ଜିଲ୍ଲାର ଜନଜାତି ବହୁଳ ଚନ୍ଦ୍ରପୁର ବ୍ଲକ ବିଜାପୁର



ପଞ୍ଚାୟତ କେନ୍ଦ୍ରା ଗ୍ରାମର ଜନଜାତି ବାସିନ୍ଦାଙ୍କ ପାଇଁ । କଂଗ୍ରେସ ସରକାର ତିନି ଦଶନ୍ଧି ଓଡ଼ିଶାକୁ ଶାସନ କଲା ପରେ ଦୀର୍ଘ ୨୪ ବର୍ଷ କାଳ ବିଜେଡି ସରକାର ଶାସନ କଲେ । ସେମାନେ ନାରା ଦେଉଥିଲେ ମା କୁ ସମ୍ମାନ ଗାଁ କୁ ରାସ୍ତା, ପାନୀୟ ଜଳର ସୁବିଧା, ବିଜୁଳି ଆଲୋକ କରଣ ,ଶିକ୍ଷାର ଉନ୍ନତି, କିନ୍ତୁ ଏ ନାରା ନିରିହ କେନ୍ଦ୍ରା ଗ୍ରାମର ଜନ ଜାତିଙ୍କ ପାଇଁ ଆଜି ପର୍ଯ୍ୟନ୍ତ ସ୍ୱପ୍ନ ରେ ପରିଣତ ହୋଇଛି । ନିର୍ବାଚନ ଆସିଲେ ପୁଳାପୁଳା ନେତା ମାନଙ୍କର ସୁଅ ଛୁଟେ ଏହି ଗ୍ରାମକୁ, 'ହାତୀ ଦେବି ଘୋଡା ଦେବି ' ଗାଁ ର ସବୁ ସୁବିଧା କରାଇ ଦେବା ଏପରି ଅନେକ ଲୋଭ ଭରା ପ୍ରତିଶ୍ରୁତି ଦେଇ ଭୋଟ ନେଇ ରାଜ ସିଂହାସନରେ ବସିଲା ପରେ ଆଉ କେନ୍ଦ୍ରା ଗ୍ରାମର ଜନଜାତି ଙ୍କ କଥା ମନେ ପଡେ ନାହିଁ, ପୁଣିଥରେ ନିର୍ବାଚନ ଆସିଲେ ଏହି ଗ୍ରାମକୁ ନେତା ଅଧିକାରୀଙ୍କ ଭିଡ ଜମେ ଭୋଟ ହାତେଇବା ପାଇଁ । ହେଲେ ଏହି ଗ୍ରାମବାସୀ କେଉଁ ପରିସ୍ଥିତିରେ ଅଛନ୍ତି, ତାଙ୍କର ଶିକ୍ଷାର ବ୍ୟବସ୍ଥା, ରାସ୍ତା ଘାଟ, ପିଇବା ପାଣି, ବିଦ୍ୟୁତ୍, ଆବାସ ଯୋଜନା ସମେତ କୌଣସି ବିକାଶର ଚିତ୍ର ଦେଖିବାକୁ ମିଳୁନାହିଁ । ଜହ୍ନ ଆଲୁଅରେ ରାତି ବିତୁଛି, ଚୁଆପାଣିରେ ତୃଷା ମେଣ୍ଟୁଛି,ଭଙ୍ଗା କୁଡ଼ିଆରେ ଦିନ କଟୁଛି, ରାସ୍ତା ନଥାଇ ଜଙ୍ଗଲ ଓ ପାହାଡରେ ପାଦଚଲା ରାସ୍ତାକୁ ଭାଗ୍ୟ ଭାବି ଆଦରିଛନ୍ତି । ସରକାରଙ୍କ ଶିକ୍ଷା ନୀତି ବିଦ୍ୟାଳୟ ନଥାଇ କାଗଜ କଲମରେ ପଢା ଚାଲିଛି,ଆବାସ ଯୋଜନା କଥା ନ କହିବା ବରଂ ଭଲ । ଏପରି ନିଅଣ୍ଟିଆ ମୌଳିକ ବିକାଶର ଅଭାବନୀୟ ପରିସ୍ଥିତି ପାଇଁ, ବିଡିଓ, ତହସିଲଦାର ଓ ନେତାଙ୍କ ପାଦ ପଡି ନଥିବା ବେଳେ ଏହି ଗ୍ରାମର ଉନ୍ନତି ପାଇଁ ଆଗ୍ରହ ପରିଲକ୍ଷିତ ହେଉ ନାହିଁ, ସତେ ଯେମିତି ଚନ୍ଦ୍ରପୁର ବ୍ଲକରେ ଏହି ଗ୍ରାମର ସାବତ ପୁଅ ସଦୃଶ୍ୟ ପରିଲକ୍ଷିତ ହେଉଛି । ଅଧିକାରୀମାନଙ୍କ ପାଦ ପଡିଲେ ବି ଏହି ଗ୍ରାମର ବିକାଶ ନାଁ ନେଇ ନେତା ଅଫିସର ଲୁଟି ଖାଉଛନ୍ତି । ସରକାରୀ ଯୋଜନା ବିଷୟରେ ଏମାନେ ଅଜ୍ଞ, କୃଷି ସାମଗ୍ରୀ ଠାରୁ ଅନ୍ୟାନ୍ୟ ସୁବିଧା ସୁଯୋଗ ବିଷୟରୁ ମଧ୍ୟ ସେମାନେ ନ ପାଇ ବାଟ ମାରଣ ହେଉଥିବା ଅଭିଯୋଗ ହୋଇଛି । ତେଣୁ ଏସବୁ ଅଭାବନୀୟ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଥିବା ବେଳେ ଏହି ଗ୍ରାମକୁ ୨୪ ବର୍ଷ ଭିତରେ କଣ ସରକାରୀ ସାହାଯ୍ୟ ଓ ଉନ୍ନୟନ କାର୍ଯ୍ୟ ହୋଇଛି ତାହା ଗ୍ରାମବାସୀଙ୍କ ଉପସ୍ଥିତିରେ ତର୍ଜମା କରାଗଲେ ବିକାଶର ବାଟ ବଣା କରିଥିବା ଅଧିକାରୀ ଓ ନେତାଙ୍କ ଦ୍ୱାରା ସମ୍ଭବ ହୋଇଥିବା ଲୋକ ଲୋଚନକୁ ଆସିବ ବୋଲି ସାଧାରଣ ରେ ପ୍ରକାଶ ପାଇଛି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ୨ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ

ରାୟଗଡା (ମାନିସ) : ରାୟଗଡା ଜିଲ୍ଲା ଗୁଣୁପୁର ସଦର ସ୍ଥାନୀୟ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ ଏବଂ ସ୍କୁଲ ଅଫ ସାଇନସେସ୍ ପକ୍ଷରୁ ?'ସ୍ଥାୟୀ ବିକାଶ ପାଇଁ ଅତ୍ୟାଧୁନିକ ପଦାର୍ଥର ଆବଶ୍ୟକାତା ' ସଂପର୍କୀୟ ଦୁଇ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି । ଭାରତ ସରକାରଙ୍କ ଅଧୀନରେ ଥିବା ଜାତୀୟ ଅନୁସନ୍ଧାନ ଭିତ୍ତିପ୍ରସ୍ତର ଏବଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ପକ୍ଷରୁ ପ୍ରୋଯୋଜିତ ଏହି ଉଦଘାଟନୀ ସମ୍ମିଳନୀର ଉତ୍କଳ ବିଶ୍ୱବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଫେସର ଡ଼ଃ ସତ୍ୟବାନ୍ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତ୍ୟାଧୁନିକ ପଦାର୍ଥର ଉତ୍ପତ୍ତି ଓ ଏହାର ବିଭିନ୍ନ କାର୍ଯ୍ୟକାରିତା ସମ୍ପର୍କରେ କହିବା ସହ ବର୍ତ୍ତମାନ ଯୁଗରେ ଏହାର ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ବେଳେ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ମତବ୍ୟକ୍ତ କରିଥିଲେ ।ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ଆଣ୍ଡ ଟେକ୍ନୋଲୋଜିର ଡିନ୍ ଡ ଡୁଲୁ ପଟ୍ଟନାୟକ ଯୋଗଦେଇ ବିଭାଗୀୟ ଅନୁସନ୍ଧାନ ଓ ଗବେଷଣା ବିଷୟରେ କହିଥିଲେ । ପରୀକ୍ଷା ନିୟନ୍ତ୍ରକ ଡ ପି ବିଜୟ କୁମାର ଯୋଗଦେଇ ଅଭିନବିକରଣ ଗବେଷଣାର ଏକ ଅଂଶ ବୋଲି କହିଥିଲେ । ସମ୍ମିଳନୀର ଆବାହକ ଡ଼ଃ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ସ୍କୁଲ ଅଫ ସାଇନସେସ୍ ର ଡ଼ଃ ବି ରବି ପ୍ରସାଦ ସମ୍ମିଳନୀର ପ୍ରାଧାନ୍ୟତା ବିଷୟରେ କହିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମ୍ମିଳନୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଓ ଗବେଷଣାରତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପୋଷ୍ଟର ଉପସ୍ଥାପନା କରାଯାଇଥିଲା ।ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ଃ ଏନ ଭି ଜେ ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଅନୁଷ୍ଠାନ ର ଅଧ୍ୟାପକ,ଅଧ୍ୟାପିକା,ଛାତ୍ରଛାତ୍ରୀ,ଗବେଷଣାରତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅଧ୍ୟାପିକା ଫୁର୍ତ୍ତି ଫିଜା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଘନିଷ୍ଠା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥଲେ । ଏହି ଦୁଇ ଦିନିଆ ସମ୍ମିଳନୀରେ ଦେଶ ତଥା ବିଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଫେସରବୃନ୍ଦ ଓ ପ୍ରାଧ୍ୟାପକ ଆଦି ଆଭାସି ମାଧ୍ୟମରେ ନିଜ ନିଜ ର ସନ୍ଦର୍ଭ ପାଠ କରିବାର କାର୍ଯ୍ୟକ୍ରମ ରହିଛି ।ଏହି ସମ୍ମିଳନୀରେ ଏନ୍ ଆଇ ଟି ରାଉରକେଲା, ୟୁନିଭରସିଟି ଅଫ ହାଇଦ୍ରାବାଦ, ଉତ୍କଳ ବିଶ୍ୱବିଦ୍ୟାଳୟର, ସରଲାଣ୍ଡ ବିଶ୍ୱବିଦ୍ୟାଳୟ ଜର୍ମାନୀ, କେମରନ୍ ବିଶ୍ୱବିଦ୍ୟାଳୟ, ଡେଲହାଉସି ବିଶ୍ୱବିଦ୍ୟାଳୟ କାନଡା, ନାଇଜେରିଆ, ଇସ୍ରାଏଲ, ସାଉଥ କୋରିଆ, ୟୁଏସ୍ଏ ଆଦି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ର ପ୍ରଫେସର ମାନେ ଯୋଗଦେଇ ଗବେଷଣା ଭିତ୍ତିକ ସନ୍ଦର୍ଭ ମାନ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି ।ପରିଶେଷରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମେ ୨୦ରୁ ନୂଆପଡା ଜିଲ୍ଲାରେ ରବି ଧାନକିଣା ଆରମ୍ଭ

ନୂଆପଡ଼ା (ମାନିସ) : ନୂଆପଡା ଜିଲାରେ ଆସନ୍ତା ମେମାସ ୨୦ ତାରିଖରୁ ରବି ମଣ୍ଡି ଖୋଲିବା ନେଇ ଆଜି ଜିଲ୍ଲାସ୍ତରିୟ ଧାନ କ୍ରୟ କମିଟି ବୈଠକରରେ ନିଶ୍ପତି ହୋଇଛି । ଆଜି ସଦରମହକୁମା ସଦଭାବନା ସଭା ଗୃହରେ ଜିଲ୍ଲାସ୍ତରିୟ ଧାନ କ୍ରୟ କମିଟିର ଗୁରୁତ୍ୱପୁର୍ନ୍ନ ବୈଠକ ବସିଥିଲା । ନୂଆପଡା ଜିଲ୍ଲପାଳ ମଧୁସୁଦନ ଦାଶ ଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଏହି ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲିମାଝି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ପ୍ରତିନିଧି, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଙ୍କ ପ୍ରତିନିଧି ରାମଲାଲ ହଂସ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପଜିଲ୍ଲାପାଳ ଜୋଗେନ୍ଦ୍ର ମାଝୀ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ,ନୂଆପଡା ଉପଖଣ୍ଡିୟ ପୁଲିସ ଅଧିକାର,ନୂଆପଡା ଜିଲାମୁଖ୍ୟ କୃଷି ଅଧିକାରୀ,ଖରିଆରରୋଡ ନିୟନ୍ତ୍ରିତ ବଜାର କମିଟିର ସଂପାଦକ ଆର୍ଯ୍ୟକୁମାର ମୁଦୁଲି,ନୂଆପଡା ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ,ଚାଷି ନେତା ଯଦୁମଣି ପାଣିଗ୍ରାହୀ, ମନୋଜ ସାହୁ, ଦେବଦେବ ସିଂଦେଓ ବିଭିନ୍ନ ରାଉସମିଲର ପ୍ରମୁଖ ଉପସ୍ଥିତ ଥିବାବେଳେ ଆଜିର ବୈଠକକୁ ସଂଯୋଜନା କରିଥିଲେ





ନୂଆପଡା ଜିଲ୍ଲାଯୋଗାଣ ଅଧିକାରି ପ୍ରଦ୍ୟୁମ୍ନ ରାଉତରାୟ । ପ୍ରଥମେ ଜିଲ୍ଲାଯୋଗାଣ ଅଧିକାରି ଗତ ଖରିଫ ମଣ୍ଡିସମ୍ପର୍କରେ ସଭା କୁ ଅବଗତ କରାଇଥିଲେ । ଗତ ଖରିଫ ମଣ୍ଡିରେ ନୂଆପଡା ଜିଲ୍ଲା ପ୍ରାୟ ୯୯.୪୮% ସଫଳତାପାଇଥିଲା ଧାନ ରୁପରେ ୨୨ଲକ୍ଷ ୯୦ହଜାର ୬୦୬.୨୯ କୁଇଂଟାଲ ଧାନ କ୍ରୟ କରାଯାଇଥିଲା । ପରେ ସର୍ବ ସମ୍ମତି କ୍ରମେ ଏଥର ରବି ମଣ୍ଡି ପାଇଁ ଜିଲ୍ଲାର ୨୬ ଟି ଯାକ କୃଷି ସମବାୟ ସମିତିକୁ ସାମିଲ କରି ୩୨ ଟି ଧାନ କ୍ରୟ କେନ୍ଦ୍ର ଖୋଲିବା ନେଇ ନିଶ୍ପତି ନିଆଯାଇଥିଲା । ସେହିପରି ଗତ ରବି ଋତୁରେ ଜିଲ୍ଲାରେ ଧାର୍ଯ୍ୟଲକ୍ଷ ୫ଲକ୍ଷ ୩୩ହଜାର ୪୭୦.୫୮୮ କୁଇଂଟାଲ ରୁ ୪ଲକ୍ଷ ୮୬ ହଜାର ୪୯୦.୪୯ କୁଇଂଟାଲ ଧାନ କ୍ରୟ କରାଯାଇଥିଲା ଯେବେକି ଗତ ରବି ଋତୁରେ ପଞ୍ଜିକୃତ ୧୦୩୫୩ ଜଣ ଚାଷି ଙ୍କ ମଧ୍ୟରୁ ୯୦୪୩ ଜଣ ଚାଷି ନିଜ ଧାନ ବିକ୍ରୟ କରିଥିଲେ । ସେହିପରି ଚଳିତ ବର୍ଷ ଜିଲ୍ଲାରେ ୧୩୨୯୭ ଜଣ ଚାଷି ଧାନବିକ୍ରୟ କରିପବାପାଇଁ ନିଜର ନାମ ପଞ୍ଜିକୃତ କରିଥିବାବେଳେ ସେଥିରୁ ଯାଂଚ ପରେ ସମସ୍ତ ଚାଷି ଧାନ ବିକ୍ରୟ କରିବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ତେଣୁ ଗତ ବର୍ଷର ଲକ୍ଷ ଧାର୍ଯ୍ୟ ଅନୁଯାୟୀ ଚଳିତ ବର୍ଷ ମଧ୍ୟ ଜିଲ୍ଲାରେ ପ୍ରାୟ ୫ଲକ୍ଷ ୫୦ ହଜାର କଇଁଟାଲ ଧାନ କ୍ରୟ କରାଯିବା ନେଇ ଆଲୋଚନା ହୋଇଥିଲା ।ପରିଶେଷରେ ଜିଲ୍ଲାପାଳ ମଧୁସୁଦାନ ଦାଶ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଜିଲ୍ଲାରେ ସୁରୁଖୁରୁରେ ମଣ୍ଡି ଚାଲିବା ନେଇ ଉଭୟ ରାଇସମିଲର ଓ ଚାଷି ଭାଇ ମାନଙ୍କୁ ଅହ୍ୱାନ ଦେଇ ଧନ୍ୟବାଦର ସହ ସଭାସାଙ୍ଗ କରିଥିଲେ ।

# ମହିଳାଙ୍କୁ ଦୁଷ୍କର୍ମ ଓ ପ୍ରତାରଣା ଅଭିଯୋଗରେ କଲ୍ଲେହୀପାଲି କଲେଜ ଅଧ୍ୟକ୍ଷ ଗିରଫ

କୁଚିଣ୍ଡା (ମାନିସ) : ଜୈନେକ ବିବାହିତ ମହିଳାଙ୍କ ସହ ପ୍ରେମ ସମ୍ପର୍କ ତାଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖିବା ଏବଂ ଶେଷରେ ତାଙ୍କୁ ପ୍ରତାରଣା କରିବା ଅଭିଯୋଗରେ କୁଚିଣ୍ଡା ପୋଲିସ ଶନିବାର ଦିନ କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ଗ୍ରାମ ପଞ୍ଚାୟତର କଲ୍ଲେହୀପାଲି କଲେଜର ଅଧ୍ୟକ୍ଷ ଡିଲେଶ୍ୱର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଲ୍ଲେହୀପାଲି କଲେଜର ଅଧ୍ୟକ୍ଷ ଦିଲେଶ୍ୱର ବେହେରା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଉରିଗୋଡ ଗ୍ରାମ ପଞ୍ଚାୟତର କୁର୍ମିମୁଣ୍ଡା ଗ୍ରାମର ବାସିନ୍ଦା ଅଟନ୍ତି । ସେ ସେହି ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହ ଦୀର୍ଘ ଦିନ ହେବ ପ୍ରେମ ସମ୍ପର୍କ ରଖିଥିଲେ । ମହିଳାଙ୍କୁ ବିବାହ କରିବାର ପ୍ରଲୋଭନ ଦେଇ ତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ । ଏ ବାବଦରେ ସଂପୃକ୍ତ ମହିଳାଙ୍କ ସ୍ୱାମୀ ଜାଣିବା ପରେ ମହିଳାଙ୍କ ପରିବାରରେ ଅଶାନ୍ତି ସୃଷ୍ଟି ହେବା ସହ ମହିଳାଙ୍କୁ ତାଙ୍କ ସ୍ୱାମୀ ଘରୁ ତଡ଼ି ଦେଇଥିଲେ । ଏଣୁ ମହିଳା ଜଣକ କିଛି ଉପାୟ ନ ପାଇ ଅଧ୍ୟକ୍ଷ ଡିଲେଶ୍ୱରଙ୍କୁ ବିବାହ ପାଇଁ ଜୋର କରିବାରୁ ସେ ସ୍ପଷ୍ଟ ଭାବେ ମନା କରି ମହିଳାଙ୍କୁ ହତ୍ୟା ଧମକ ଦେଇଥିଲେ ମାତ୍ର ମହିଳା ଜ୍ଣକ ଏହା ପରେ ବି ବିବାହ ପାଇଁ ଜିଦ ଧରିବାରୁ ସେ ଆଉ ଧାରା ଛୁଆଁ ଦେଲେ ନାହିଁ, ଏପରିକି ମହିଳାଙ୍କ ଫୋନ କଲ ବି ରିସିଭ କଲେ ନାହିଁ । ପ୍ରେମରେ ପ୍ରତାରଣାର ଶିକାର ହୋଇଥିବା ଜାଣିବା ପରେ ମହିଳା ଜଣକ ଗତ ୧୭ ତାରିଖ ଦିନ କୁଚିଣ୍ଡା ଥାନାରେ ଘଟଣା ବାବଦରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୮୧/ ୨୦୨୫ ରେ ଭାରତୀୟ ନ୍ୟାୟ ସଂହିତା ଧାରା ୯୬/୨୯୭/୩୫୧(୨) ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ପରେ ଶନିବାର ଦିନ ଅଭିଯୁକ୍ତ କଲେଜ ଅଧ୍ୟକ୍ଷ ଡିଲେଶ୍ୱରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ତେବେ କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହୋଇଯାଇଥିବା ଜଣା ପଡ଼ିଛି ।


CDA

## କଟକ ଉନ୍ନୟନ କର୍ତ୍ତୃପକ୍ଷ

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

No : CAD-176

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ - ୧୩-୨E/438 ଟିକୁ ବିଜୟଲକ୍ଷ୍ମୀ ବଳ, ସ୍ୱାମୀ- ଗୁଣନିଧି ବଳ, ସା/ପୋ- ସାରୁଆ, ଥା/ଜିଲ୍ଲା- ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରହୀ ବିଜୟଲକ୍ଷ୍ମୀ ବଳଙ୍କ ମୃତ୍ୟୁ ପରେ ତାଙ୍କର ଏକମାତ୍ର ନ୍ୟାୟିକ ଉତ୍ତରାଧିକାରୀ ଭଉଣୀ ମମତା ଯାଦବ, ସ୍ୱାମୀ- ଶ୍ରୀ କୁମୁଦବନ୍ଧୁ ଯାଦବ, ସା- ଲୋକନାଥପୁର, ପୋ- ସାରୁଆ, ଥା/ଜିଲ୍ଲା- ଖୋର୍ଦ୍ଧା ଉକ୍ତ ପ୍ଲଟଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR– 13037/11/0239/2526 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)


# ପାଟଣାଗଡ ଓ ଟିଟିଲାଗଡ଼ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା କେନ୍ଦ୍ରୀୟ ବିଦ୍ୟାଳୟର ଉଦଘାଟନ ସହ ନୂତନ ବିଦ୍ୟାଳୟର ଭୂମିପୂଜନ

ବଲାଙ୍ଗୀର : ବଲାଙ୍ଗୀର ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ମୁଖ୍ୟ ରାସ୍ତା ରେ ଥିବା ସିଟି ସ୍କୁଲ୍ ପରିସର ରେ ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ନୂତନ କେନ୍ଦ୍ରିୟ ବିଦ୍ୟାଳୟ ର ଉଦଘାଟନ ହୋଇଯାଇଅଛି । ଏଥି ସହ ୩୦ କୋଟି ଟଙ୍କା ବ୍ୟୟ ଅଟକଳ ରେ ନୂତନ ଭାବରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ର ଭୂମିପୂଜନ କାର୍ଯ୍ୟ ମଧ୍ୟ ସମାପନ ହୋଇଯାଇଛି । ମଧ୍ୟାହ୍ନ ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଟିଟିଲାଗଡ଼ ରୁ ହେଲିକେପ୍ଟର ଯୋଗେ ରାମପୁର ସ୍ଥିତ ରାନୀ ସାଗର ହାଇସ୍କୁଲ ଖେଳ ପଡ଼ିଆରେ ଅବତରଣ କରିଥିଲେ । ସେଠାରୁ କାର ଯୋଗେ ବର୍ତ୍ତମାନ ଶିକ୍ଷାଦାନ ପାଇଁ ଅସ୍ଥାୟୀ ଭାବରେ ସିଟି ସ୍କୁଲ୍ ପରିସର ଭିତରେ ଚଳିତ ଶିକ୍ଷାବର୍ଷରୁ ଆରମ୍ଭ ହେବାକୁ ଯାଉଥିବା କେନ୍ଦ୍ରୀୟ ବିଦ୍ୟାଳୟ ର ଶୁଭାରମ୍ଭ କରିଥିଲେ । ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ , ବଲାଙ୍ଗୀର ସାଂସଦ ସଂଗିତା କୁମାରୀ ସିଂହଦେଓ, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି,ଦିଲ୍ଲୀ ରୁ ଆସିଥିବା କେନ୍ଦ୍ରୀୟ ବିଦ୍ୟାଳୟ ର ଯୁଗ୍ମ କମିସନର ଦିପେସ ଗେହେଲୋଟ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ଡେପୁଟି କମିସନର ଡଃ ଶ୍ରୀହରନ ବୋଷ, ବଲାଙ୍ଗୀର କେନ୍ଦ୍ରୀୟ ବିଦ୍ୟାଳୟ ର ଅଧ୍ୟକ୍ଷ ଗଣେଶ ପ୍ରଧାନ, ଜିଲ୍ଲାପାଳ ଗୌରବ ଶିବାଜୀ ଇସିଲୱାର , ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର





ପ୍ରମୁଖ ଯୋଗଦେଇଥିଲେ । ଏହାପରେ କଉଡିଆ ରାସ୍ତାରେ ନୂତନ ଭାବରେ ନିର୍ମାଣ ହେବାକୁ ଥିବା ପଡ଼ିଆ ରେ କେନ୍ଦ୍ରୀୟ ବିଦ୍ୟାଳୟ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ପରେ ସେଠାରେ ଆୟୋଜିତ ଏକ ସଭା ରେ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଭାରତରେ ୮୫ ଗୋଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥିରୀକୃତ କରାଯାଇଥିବା ବେଳେ ଓଡ଼ିଶା ରାଜ୍ୟରେ ୮ ଗୋଟି କରାଯିବ ସେଥିମଧ୍ୟରୁ ପ୍ରଥମ ଥର କରି ଆଜି ବଲାଙ୍ଗୀର ଜିଲ୍ଲା ରେ ପାଟଣାଗଡ଼ ଓ ଟିଟିଲାଗଡ଼ ସବଡିଭିଜନ ରେ ୨ ଗୋଟି କେନ୍ଦ୍ରୀୟ ବିଦ୍ୟାଳୟ ର ଉଦଘାଟନ ସହ ଭୂମିପୂଜନ କରାଯାଇଛି । ଜାତୀୟ ଶିକ୍ଷାନୀତି ଯୋଜନାରେ ଜିଲ୍ଲାର ୨୧ ଗୋଟି ସରକାରୀ ସ୍କୁଲ ର ଉନ୍ନତି ପାଇଁ ପ୍ରତ୍ୟେକ ସ୍କୁଲକୁ ୨ କୋଟି ଟଙ୍କା ର ଅନୁଦାନ ଓ ଇନ୍‌ଟରନେଟ ସେବା ର ବ୍ୟବସ୍ଥା କରାଯିବା ସହ ରାଷ୍ଟ୍ରୀୟ ଶିକ୍ଷାନୀତି କୁ ଉପରକୁ ନେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସାରା ଦେଶ ରେ ୧୪ ହଜାର ୫ ଶହ ପିଏମଶ୍ରୀ ସ୍କୁଲ ଖୋଲିଛନ୍ତି । ସେଥି ମଧ୍ୟରୁ ବଲାଙ୍ଗୀର ଜିଲ୍ଲା ରେ ୨୧ ଗୋଟି ସ୍କୁଲ ପାଇଁ ,ପିଏମଓଷା ଯୋଜନାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁ ୨୦ କୋଟି, କଣ୍ଟାବାଞ୍ଜି କଲେଜ କୁ ୫ କୋଟି ଦିଆଯିବ ବୋଲି ,ତାଙ୍କ ବକ୍ତବ୍ୟରେ କହିଥିଲେ । ଏପରି କି ବଲାଙ୍ଗୀର ଜିଲ୍ଲା ସହ ମୋର ଆବେଗ ର ସମ୍ପର୍କ ରହିଛି । ଜିଲ୍ଲାରେ ୧୯୯୦ ମସିହାରେ ହୋଇଥିବା ମରୁଡି ସମୟରେ ପାଟଣାଗଡ଼ କଣ୍ଟାବାଞ୍ଜି ଅଞ୍ଚଳରେ ୧୫ ଦିନ ଧରି ଲୋକଙ୍କ ସେବା କରିଥିବା କଥା ମଧ୍ୟ ମନେ ପକାଇଥିଲେ । ଉପମୁଖ୍ୟ ମନ୍ତ୍ରୀ ଶ୍ରୀ ସିଂହଦେଓ ପାଟଣାଗଡ଼ ରେ ୧୫ ଏକର ଜାଗାରେ ଖୁବ୍ ଶିଘ୍ର ଏକ ଷ୍ଟାଡିୟମ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିବା ସହ ତମିଆଁ ଓ ଲାଠୋର ହାଇସ୍କୁଲ ଖେଳ ପଡ଼ିଆରେ ଷ୍ଟାଡିୟମ୍ ଗେଲରୀ ଯଥା ଶିଘ୍ର ନିର୍ମାଣ କରାଯିବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ଶ୍ରୀମହାଲିଙ୍ଗ ସଭା ରେ ଆୟୁଷ୍ମାନ କାର୍ଡ ର ଉପକାରିତା ସଂପର୍କରେ ସଭା ରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ପରିଶେଷରେ ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଇସଲୱାର ଧନ୍ୟବାଦ ଅର୍ପଣ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ ହୋଇଥିଲେ ।

MBA/25-26/0043

ମାତୃଭାଷା



# ଦିଲ୍ଲୀକୁ ହରାଇ ଶୀର୍ଷରେ ଗୁଜରାଟ



■ ପ୍ରସିଦ୍ଧଙ୍କୁ ୪ ୱିକେଟ୍, ଅଳ୍ପକେ ଶତକରୁ ବଞ୍ଚିତ ବଟଲର

■ ହାଇସ୍କୋରିଂ ମ୍ୟାଚ୍‌ରେ ୭ ୱିକେଟ୍‌ରେ ଜିତିଲା ଜିଟି

■ ଦିଲ୍ଲୀର ଦ୍ୱିତୀୟ ପରାଜୟ

**ଅହମ୍ମଦାବାଦ, ୧୯।୪:** ଜୋସ୍ ବଟଲରଙ୍କ ଦମଦାର ବ୍ୟାଟିଂ ବଳରେ ଦିଲ୍ଲୀକୁ ୭ ୱିକେଟ୍‌ରେ ହରାଇଛି ଗୁଜରାଟ ଟାଇଟନ୍ସ। ଆଇପିଏଲର ୩୫ତମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ବ୍ୟାଟରଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୮ ୱିକେଟ୍ ହରାଇ ୨୦୩ ରନ କରିଥିଲା। ଜବାବରେ ଗୁଜରାଟ ଜୋସ ବଟଲରଙ୍କ ଅପରାଜିତ ୯୭ ରନ ବଳରେ ୧୯.୨ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଛି। ବଟଲରଙ୍କ ବ୍ୟତୀତ ଶେରଫେନ ରଦରଫୋର୍ଡ ୪୩ ରନ କରିଛନ୍ତି। ହେଲେ ଐତିହାସିକ ଶତକରୁ ଗୁଜରାଟ ପଞ୍ଚମ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ଦ୍ୱିତୀୟ ପରାଜୟ ସହ ଦିଲ୍ଲୀ ତାଲିକାର ଦ୍ୱିତୀୟ ସ୍ଥାନକୁ ଖସି ଆସିଛି।

୨୦୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଗୁଜରାଟକୁ ମାତ୍ର ୧୪ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ଅଧିନାୟକ ଶୁଭମନ ଗିଲ୍ ୭ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ସାଇ ସୁଦର୍ଶନ ଓ ଜୋସ୍ ବଟଲର ଇନିଂସ ସମ୍ଭାଳିଥିଲେ। ଉଭୟ ଦ୍ୱିତୀୟ ୱିକେଟ୍‌ରେ ୬୦ ରନ ଯୋଡ଼ି ବିଜୟ ପାଇଁ ମୂଳଦୁଆ ପକାଇଥିଲେ। ୭୪ ରନ ସ୍କୋରରେ ସାଇ ସୁଦର୍ଶନ ବ୍ୟକ୍ତିଗତ ୩୬ ରନ କରି ପାଭିଲିୟନ ଫେରିଥିଲେ। ଏହା ପରେ ଜୋସ୍ ବଟଲର ଓ ରଦରଫୋର୍ଡ ଦମଦାର ବ୍ୟାଟିଂ କରି ତୃତୀୟ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ ଯୋଡ଼ିଥିଲେ।

ଏହି କ୍ରମରେ ଜୋସ୍ ବଟଲର ଅର୍ଦ୍ଧଶତକ ପୂରଣ କରିଥିଲେ। ରଦରଫୋର୍ଡ ୪୩ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଗୁଜରାଟର ବିଜୟ ସହ ବଟଲର ଶତକ ଅଭିମୁଖେ ଅଗ୍ରସର ହୋଇଥିଲେ। ଶେଷ ଓଭରରେ ଗୁଜରାଟକୁ ଜିତିବା ପାଇଁ ୧୦ ରନ ଦରକାର ଥିବା ବେଳେ ରାହୁଲ ତେୱାତିଆ ୩ ବଲରୁ ୧୧ ରନ କରିବାରୁ ବଟଲର ୯୭ ରନରେ ଅପରାଜିତ ରହି ୩ ରନରୁ ଶତକରୁ ବଞ୍ଚିତ ହୋଇଛନ୍ତି। ବଟଲରଙ୍କ ଇନିଂସରେ ୧୧ ଚୌକା ଓ ୪ ଛକା ସାମିଲ। ଏଥିସହ ଗୁଜରାଟ ୧୯.୨ ଓଭରରେ ମାତ୍ର ୩ ୱିକେଟ୍ ମ୍ୟାଚ୍‌କୁ ଜିତି ନେଇଛି।

| ଦିଲ୍ଲୀ ଇନିଂସ: ୨୦୩/୮ (୨୦ ଓଭର) | | | |
|---|---|---|---|
| ଅଭିଷେକ ପୋରେଲ | କ୍ୟା ସିରାଜ ବୋ ଅର୍ସଦ | ୧୮ | ୦୯ |
| କରୁଣ ନାୟାର | କ୍ୟା ଅର୍ସଦ ବୋ ପ୍ରସିଦ୍ଧ | ୩୧ | ୧୮ |
| କେଏଲ୍ ରାହୁଲ | ଏଲବି ବୋ ପ୍ରସିଦ୍ଧ | ୨୮ | ୧୪ |
| ଅକ୍ସର ପଟେଲ | କ୍ୟା ବଟଲର ବୋ ପ୍ରସିଦ୍ଧ | ୩୯ | ୩୨ |
| ଟ୍ରିଷ୍ଟନ ଷ୍ଟବ୍ସ | କ୍ୟା ପ୍ରସିଦ୍ଧ ବୋ ସିରାଜ | ୩୧ | ୨୧ |
| ଆଶୁତୋଷ ଶର୍ମା | କ୍ୟା ଲୋମରର ବୋ ସାଇ କିଶୋର | ୩୭ | ୧୯ |
| ବିପରାଜ ନିଗମ | କ୍ୟା ବଟଲର ବୋ ପ୍ରସିଦ୍ଧ | ୦୦ | ୦୧ |
| ଡି ଫେରେଇରା | କ୍ୟା ସାଇ କିଶୋର ବୋ ଇଶାନ୍ତ | ୦୧ | ୦୩ |
| ମିଚେଲ ଷ୍ଟାର୍କ | ଅପରାଜିତ | ୦୨ | ୦୨ |
| କୁଲଦୀପ ଯାଦବ | ଅପରାଜିତ | ୦୪ | ୦୧ |
| ଅତିରିକ୍ତ | | ୧୨ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମହମ୍ମଦ ସିରାଜ | ୪ | ୦ | ୪୭ | ୧ |
| ଅର୍ସଦ ଖାନ | ୪ | ୦ | ୪୬ | ୧ |
| ପ୍ରସିଦ୍ଧ କ୍ରିଷ୍ଣା | ୪ | ୦ | ୪୧ | ୪ |
| ରସିଦ ଖାନ | ୪ | ୦ | ୩୮ | ୦ |
| ଇଶାନ୍ତ ଶର୍ମା | ୩ | ୦ | ୧୯ | ୧ |
| ସାଇ କିଶୋର | ୧ | ୦ | ୦୯ | ୧ |

| ଗୁଜରାଟ: ୨୦୪/୩ (୧୯.୨ ଓଭର) | | | |
|---|---|---|---|
| ସାଇ ସୁଦର୍ଶନ | କ୍ୟା ଷ୍ଟବ୍ସ ବୋ କୁଲଦୀପ | ୩୬ | ୨୧ |
| ଶୁବମନ ଗିଲ | ରନଆଉଟ୍ | ୦୭ | ୦୫ |
| ଜସ ବଟଲର | ଅପରାଜିତ | ୯୭ | ୫୪ |
| ଏସ ରଦରଫୋର୍ଡ | କ୍ୟା ଷ୍ଟାର୍କ ବୋ ମୁକେଶ | ୪୩ | ୩୪ |
| ରାହୁଲ ତେୱାତିଆ | ଅପରାଜିତ | ୧୧ | ୦୩ |
| ଅତିରିକ୍ତ | | ୧୦ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମିଚେଲ ଷ୍ଟାର୍କ | ୩.୨ | ୦ | ୪୯ | ୦ |
| ମୁକେଶ କୁମାର | ୪ | ୦ | ୪୦ | ୧ |
| ଅକ୍ସର ପଟେଲ | ୨ | ୦ | ୧୮ | ୦ |
| ବିପରାଜ ନିଗମ | ୪ | ୦ | ୩୪ | ୦ |
| କୁଲଦୀପ ଯାଦବ | ୪ | ୦ | ୩୦ | ୧ |
| ମୋହିତ ଶର୍ମା | ୨ | ୦ | ୨୮ | ୦ |

# ୨୦୦ ଛକା କ୍ଲବ୍‌ରେ ସାମିଲ ହେଲେ ରାହୁଲ

**ନୂଆଦିଲ୍ଲୀ ୧୯।୦୪:** ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେୟର କେଏଲ ରାହୁଲ। ଚଳିତ ସିଜିନ୍‌ରେ ରହିଛନ୍ତି ଦମ୍‌ଦାର୍ ଫର୍ମରେ। ସେ କରୁଛନ୍ତି ଚମତ୍କାର ପ୍ରଦର୍ଶନ। ଏବେ ରାହୁଲ କରିଛନ୍ତି ବଡ ରେକର୍ଡ। ସେ ଭାଙ୍ଗିଛନ୍ତି ଆଇପିଏଲ୍ ଛକାର ରେକର୍ଡ। ରାହୁଲ ଗୁଜରାଟ ବିପକ୍ଷରେ ବ୍ୟାଟିଂ କରୁଥିବା ସମୟରେ ୧୪ ବଲରେ ଖେଳିଥିଲେ ୨୮ ରନର ଇନିଂସ। ଏହି ସମୟ ମଧ୍ୟରେ ସେ ୪ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

ଆଉ ଏହି ଗୋଟିଏ ଛକା ମାରି ରାହୁଲ ଭାଙ୍ଗିଛନ୍ତି ଛକା ମାରିବାର ରେକର୍ଡ। ରାହୁଲ ଆଇପିଏଲରେ ପୂରଣ କରିଛନ୍ତି ୨୦୦ ଛକା। ସେ ଏପର୍ଯ୍ୟନ୍ତ ଆଇପିଏଲ୍‌ରେ ୧୩୮ଟି ମ୍ୟାଚ୍ ଖେଳି ସାରିଛନ୍ତି। ଏହି ସମୟ ମଧ୍ୟରେ ସେ ୨୦୦ଟି ଛକା ମାରିଛନ୍ତି। ରାହୁଲ ମଧ୍ୟ ୪୨୨ଟି ଚୌକା ମାରିଛନ୍ତି।

ଆଇପିଏଲ୍‌ରେ ସର୍ବାଧିକ ଛକା

## ଆଇପିଏଲ୍‌ରେ କଲେ କୀର୍ତ୍ତିମାନ


ମାରିବା ମାମଲାରେ କେଏଲ ରାହୁଲ ଅନେକ କିମ୍ବଦନ୍ତୀଙ୍କୁ ପଛରେ ପକାଇଛନ୍ତି। ଶେନ୍ ୱାଟସନ ଏବଂ ଜସ୍ ବଟଲରଙ୍କ ପରି ଅନେକ ଖେଳାଳି ପଛରେ ପଡିଛନ୍ତି। ରାହୁଲ ୨୦୨୫ ଆଇପିଏଲରେ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୨୬୬ ରନ୍ କରିଛନ୍ତି। ରାହୁଲ ସିଜିନରେ ୨ଟି ଅର୍ଦ୍ଧଶତକ ମଧ୍ୟ ଲଗାଇ ସାରିଛନ୍ତି।



# ଆଇପିଏଲ୍: ଇଶାନ୍ତ-ଆଶୁତୋଷ ମୁହାଁମୁହିଁ

**ନୂଆଦିଲ୍ଲୀ, ୧୯।୪:** କ୍ରିକେଟ ମ୍ୟାଚ୍‌ରେ ଖେଳାଳିମାନଙ୍କ ମଧ୍ୟରେ କଥା କଟାକଟି ହେବା ସାଧାରଣ କଥା। ଓଟଖ ଭଳି ଟୁର୍ନାମେଣ୍ଟରେ ଏଭଳି ଘଟଣା ଅନେକ ଥର ଘଟିଛି। ଅହମ୍ମଦାବାଦରେ ଖେଳାଯାଇଥିବା

## ଅମ୍ପାୟାରଙ୍କ ନିଷ୍ପତ୍ତିକୁ ନେଇ ବାକ୍‌ଯୁଦ୍ଧ



ଗୁଜରାଟ ଟାଇଟାନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଦୁଇ ଶର୍ମା ପରସ୍ପର ସହିତ ମୁହାଁମୁହିଁ ହୋଇଥିଲେ। ସେମାନେ ହେଲେ ଇଶାନ୍ତ ଶର୍ମା ଏବଂ ଆଶୁତୋଷ ଶର୍ମା।

ଶନିବାର ଏପ୍ରିଲ ୧୯ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉଭୟ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରିଥିଲା। ଏହାର ବ୍ୟାଟ୍ସମ୍ୟାନମାନେ ଚମତ୍କାର ପ୍ରଦର୍ଶନ କରି ଦଳକୁ ଏକ ଭଲ ସ୍କୋରରେ ପହଞ୍ଚାଇଥିଲେ। ଆଶୁତୋଷ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ, ଯିଏ ଶେଷ ଓଭରରେ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। କିନ୍ତୁ ଏହି ସମୟରେ ଇଶାନ୍ତ ଶର୍ମାଙ୍କ ଗୋଟିଏ ବଲ୍‌ରେ କିଛି ଏଭଳି ଘଟିଥିଲା, ଯାହାକୁ ନେଇ ଗୁଜରାଟ ଟାଇଟାନ୍ସର ଦ୍ରୁତ ବୋଲର ରାଗି ଯାଇଥିଲେ।

ଘଟଣାଟି ଦିଲ୍ଲୀ ଇନିଂସର ୧୯ତମ ଓଭରରେ ଘଟିଥିଲା। ଏହି ଓଭରର ଚତୁର୍ଥ ବଲ୍‌ରେ ଇଶାନ୍ତ ବ୍ୟାଟ୍ସମ୍ୟାନ ଡୋଭୋଭାନ ଫେରିରାଙ୍କୁ ଆଉଟ୍ କରିଥିଲେ। ତା'ପରେ ଓଭରର ଶେଷ ବଲରେ ଆଶୁତୋଷ ଶର୍ମାଙ୍କ ବିରୋଧରେ କ୍ୟାଚ୍ ପାଇଁ ଅପିଲ କରାଯାଇଥିଲା କିନ୍ତୁ ଅମ୍ପାୟାର ଏହାକୁ ନଟ୍ ଆଉଟ୍ ଘୋଷଣା କରିଥିଲେ।

ଗୁଜରାଟ ସମସ୍ତ ରିଭ୍ୟୁ ଶେଷ ହୋଇଥିବାରୁ ଏଥିରେ ଉଜଝ ନେଇପାରି ନ ଥିଲା। ଏପରି ପରିସ୍ଥିତିରେ ଇଶାନ୍ତ ନିଜ ଭାବନାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ସିଧା ଆଶୁତୋଷଙ୍କ ନିକଟକୁ ଯାଇ ତାଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ ରାଗରେ କିଛି କହିଥିଲେ।

ଏତେ ସବୁ ପରେ ବି ଆଶୁତୋଷ ନ ରାଗି ବରିଷ୍ଠ ଖେଳାଳିଙ୍କୁ ସମ୍ମାନ ଦେଇ ଶାନ୍ତ ରହିଥିଲେ। ସେ କେବଳ ଇଶାନ୍ତଙ୍କୁ ଦେଖାଇଥିଲେ ଯେ ବଲ୍‌ଟି ତାଙ୍କ ବ୍ୟାଟରେ ବାଜି ନାହିଁ ବରଂ ତାଙ୍କ କାନ୍ଧରେ ବାଜିଛି ଏବଂ ଉଇକେଟକିପରଙ୍କ ପାଖକୁ ଯାଇଛି। ଆଶ୍ୱସ୍ତିର କଥା ଏହି ଯେ ଏହି ମାମଲା ଅଧିକ ସମୟ ପର୍ଯ୍ୟନ୍ତ ଲମ୍ବି ନ ଥିଲା ଏବଂ ଇଶାନ୍ତ ତୁରନ୍ତ ବାହାରକୁ ଚାଲିଯାଇଥିଲେ। ଏହା ପରେ, ରିପ୍ଲେରେ ମଧ୍ୟ ସ୍ପଷ୍ଟ ହୋଇଗଲା ଯେ ଆଶୁତୋଷ ସତ କହୁଥିଲେ ଏବଂ ବଲ ତାଙ୍କ କାନ୍ଧରେ ବାଜିଥିଲା। ଆଶୁତୋଷ ୨୦ତମ ଓଭରର ୫ମ ବଲରେ ଆଉଟ ହୋଇଥିଲେ, କିନ୍ତୁ ସେତେବେଳକୁ ସେ ୧୯ ବଲରେ ୩୭ ରନ ସଂଗ୍ରହ କରି ଦଳକୁ ୨୦୦ ରନ ପାଖାପାଖି ନେଇଯାଇଥିଲେ।

# ଉତ୍କଳ କରାଟେ ସ୍କୁଲ୍ ନୂତନ ହଲ୍ ଉଦ୍‌ଘାଟିତ


**ଭୁବନେଶ୍ୱର, ୧୯।୪:** ଉତ୍କଳ କରାଟେ ସ୍କୁଲ, ଟଙ୍କପାଣି ରୋଡ୍ (ବସୁଆଘାଇ) ଶାଖା ସ୍କୁଲ୍ ପରିସରରେ ବାର୍ଷିକ ଦିବସ ସମାରୋହ ପାଳିତ ହୋଇଛି। ଏହି ଦିବସ ପାଇଁ ଛାତ୍ର, ଅଭିଭାବକ ଏବଂ ସମ୍ମାନିତ ଅତିଥିମାନେ ଏକତ୍ରିତ ହେବା ସହିତ ଉତ୍ସାହ ଏବଂ ଗର୍ବରେ ଗୁଞ୍ଜରିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଙ୍କ ସଫଳତା ଏବଂ ସମଗ୍ର ବିକାଶ ପ୍ରତି ସ୍କୁଲ୍‌ର ପ୍ରତିବଦ୍ଧତାର ଏକ ପ୍ରାଣବନ୍ତ ପ୍ରଦର୍ଶନ ଥିଲା।

ଏହି ଉତ୍ସବର ଶୁଭାରମ୍ଭ ମୁଖ୍ୟ ଅତିଥି ହାନ୍‌ସୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକ, ସେନ୍‌ସାଇ ଖାରବେଳ ମଲ୍ଲିକ, ଡ. ଅବିନାଶ ପୁଦିର ଏବଂ ସ୍କୁଲ ପ୍ରଶିକ୍ଷକ ସେନ୍‌ସାଇ ସୁଶାନ୍ତ କୁମାର ପଣ୍ଡା କରିଥିଲେ। ଉତ୍ସବର ମନୋଭାବକୁ ଯୋଡ଼ି ମୁଖ୍ୟ ଅତିଥି ସମାବେଶକୁ ସମ୍ବୋଧିତ କରିଥିଲେ, ଯୁବ ମନକୁ ପୋଷଣ ଏବଂ ଉତ୍କର୍ଷତାର ଭାବନା ବୃଦ୍ଧି କରିବାରେ ସ୍କୁଲ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ମୂଲ୍ୟବୋଧ ଭିତ୍ତିକ କ୍ରୀଡ଼ାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆଗ୍ରହ ଏବଂ ଦୃଢ଼ତାର ସହିତ ଚ୍ୟାଲେଞ୍ଜକୁ ଗ୍ରହଣ କରିବା ଏବଂ ସେମାନଙ୍କ ସ୍ୱପ୍ନ ପୂରଣ କରିବାକୁ ଉତ୍ସାହିତ କରିଥିଲେ।



ସେନ୍‌ସାଇ ସୁଶାନ୍ତ ଗତ ବର୍ଷ ସାରା କ୍ରୀଡ଼ା କ୍ଷେତ୍ରରେ ସ୍କୁଲର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପ୍ରମାଣପତ୍ର ବଣ୍ଟନ ଉତ୍ସବ, ଯେଉଁଠାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବର୍ଗରେ ଉଲ୍ଲେଖନୀୟ ସଫଳତା ଏବଂ ଅନୁକରଣୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ପୁରସ୍କାର ଗ୍ରହଣ କରିବା ସମୟରେ ଛାତ୍ରଛାତ୍ରୀମାନଙ୍କ ମୁହଁରେ ହସ ସେମାନଙ୍କର କଠିନ ପରିଶ୍ରମ ଏବଂ ନିଷ୍ଠାର ପ୍ରମାଣ ଥିଲା। ଶେଷରେ ନୂତନ କରାଟେ ହଲ୍‌ର ଉଦ୍‌ଘାଟନ କରାଯାଇଥିଲା।

# ଜିଲ୍ଲା ସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା, ୧୯।୪:** କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବର୍ଷରୁ କମ୍) କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି। ଆଜିର ଉଦ୍‌ଘାଟନୀ ମ୍ୟାଚରେ ସ୍କୁଲ-ଏ ଓ ସ୍କୁଲ-ଏଫ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସ୍କୁଲ-ଏ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ସ୍କୁଲ-ଏ ବ୍ୟାଟିଂ କରି ୩୫ ଓଭରରେ ୭ ଉଇକେଟ୍ ବିନିମୟରେ ୨୦୮ ରନ୍ କରିଥିଲା। ଜବାବରେ ସ୍କୁଲ-ଏଫ ୨୯.୪ ଓଭରରେ ୧୭୧ ରନ୍ କରି ଅଲ ଆଉଟ୍ ହୋଇଥିଲା। ଫଳରେ ୩୭ ରନ୍‌ରେ ସ୍କୁଲ-ଏ ବିଜୟୀ ହୋଇଥିଲା। ସ୍କୁଲ-ଏର ଆୟୁଷ କୁମାର ପଲାଇ ୨୪ଟି ବଲ୍‌ରେ ଗୋଟିଏ ଛକା ୫ଟି ଚୌକା ମାରି ୩୫ ରନ୍ କରିଥିଲା ବେଳେ ୫.୪ ଓଭର ବୋଲିଂ କରି ମାତ୍ର ୨୪ ରନ୍ ଦେଇ ୪ଟି ଇଉକେଟ୍ ହାସଲ କରି ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। ବାୟା ଅବଧୂତ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଜେନା ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ ଟ୍ରଫି ଆୟୁଷ କୁମାରଙ୍କୁ ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଅନୁପ କୁମାର ରାଉତ ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ଆନନ୍ଦ ବେହେରା କାର୍ଯ୍ୟ ତୁଲାଇଥିଲେ। ସମୀର ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ସମୁଦାୟ ୮ଟି ଟିମ ଭାଗ ନେଇଛନ୍ତି। ସମସ୍ତେ ପରସ୍ପର ମଧ୍ୟରେ ଖେଳିବେ। ଏମାନଙ୍କ ମଧ୍ୟରୁ ୩୦ଜଣ

## ସ୍କୁଲ-ଏ ବିଜୟୀ

ଖେଳାଳିଙ୍କୁ ଚୟନ କରାଯିବା ପରେ ଆନ୍ତ ଜିଲ୍ଲା ଟୁର୍ଣ୍ଣାମେଂଟରେ ଭାଗ ନେବେ ବୋଲି ଆୟୋଜକ ତଥା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଂପାଦକ ଶୁଭାଶିଷ ସେନାପତି, ଯୁଗ୍ମ ସଂପାଦକ ଜ୍ୟୋତିରଞ୍ଜନ ସେନାପତି, ସେକ ସଫାତୁଲ୍ଲା, କେଶବ ସାହୁ ଓ ସାମ୍ବାଦିକ ଲକ୍ଷ୍ମୀକାନ୍ତ ନାୟକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆକବର ଅଲ୍ଲୀ ଖାଁ, ଦୀପକ କୁମାର ବାରିକ, ପ୍ରଣବ ଦାସ, ଚିରଞ୍ଜିବୀ ବଳ, ସେକ ମୀନାଉଦ୍ଦିନ, ପ୍ରଫୁଲ୍ଲ କୁମାର ମଲ୍ଲିକ, ରଶ୍ମୀରଞ୍ଜନ ସିଂ, ସୁରେଶ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ରାଜସ୍ଥାନ ଆଗରେ ଲକ୍ଷ୍ନୌ ରଖିଲା ୧୮୧ ରନ୍‌ର ଟାର୍ଗେଟ



**ଜୟପୁର, ୧୯।୪:** ଆଇପିଏଲ୍ ୨୦୨୫ର ୩୬ତମ ମ୍ୟାଚ୍ ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଖେଳାଯାଇଛି। ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ରାଜସ୍ଥାନ ରୟାଲ୍ସକୁ ଜିତିବା ପାଇଁ ୧୮୧ ରନର ଟାର୍ଗେଟ ଦେଇଛି। ଦଳ ପକ୍ଷରୁ ଆୟୁଷ ବଦୋନି ବିସ୍ଫୋରକ ବ୍ୟାଟିଂ କରିଥିଲେ ଏବଂ ଏକ ଅର୍ଦ୍ଧଶତକୀୟ ସ୍କୋର ହାସଲ କରିଥିଲେ। ବାଦୋନି ୩୪ ବଲ୍‌ରେ ୫୦ ରନ୍ କରିଥିଲେ। ସେ ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ମାର୍କରମ ୪୫ ବଲ୍‌ରେ ୬୬ ରନ୍ କରିଥିଲେ। ଶେଷରେ ଅବଦୁଲ ସମାଦ ଆଶ୍ଚର୍ଯ୍ୟଜନକ ୧୦ଟି ବଲ୍‌ରୁ ୩୦ ରନ୍ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର, ତୁଷାର ଦେଶପାଣ୍ଡେ ଏବଂ ସନ୍ଦୀପ ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ହସରଙ୍ଗା ୨ଟି ୱିକେଟ ନେଇଥିଲେ।

# ଜାତୀୟ କୁସ୍ତି ପ୍ରତିଯୋଗିତା ପାଇଁ ସମ୍ବଲପୁରର ୨ ଖେଳାଳି ମନୋନୀତ

**ସମ୍ବଲପୁର, ୧୯।୪:** ସମ୍ବଲପୁର ସହରର କଚେରୀ ରୋଡ଼ ସ୍ଥିତ ସାଓଲିନ କୁମ୍ଫୁ ଉଷୁ ଏସୋସିଏସନର କୁସ୍ତି ଖେଳାଳୀ ତଥା ସାକ୍ଷୀପଡାର ଦୀପକ ଗୋପ ଓ ଶାନ୍ତି ଗୋପଙ୍କର ସୁପୁତ୍ରୀ ତମନ୍ନା ଗୋପ ୫୯ କିଲୋଗ୍ରାମ ବିଭାଗରେ ଓଡିଶା ତରଫରୁ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ସେହିପରି ଗୋବିନ୍ଦତୋଲା ନିବାସୀ ଦୀପେଶ ଦାଶ ପୁରୁଷ ବିଭାଗର ୭୪ କିଲୋଗ୍ରାମ ବିଭାଗରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଦୀପେଶ ସୁଦେଷ୍ଣା ଦାଶ ଓ ସ୍ୱର୍ଗତ ସୁଜିତ କୁମାର ଦାଶଙ୍କର ଏକ ମାତ୍ର ପୁତ୍ର। ଉଭୟେ ଓଡ଼ିଶା ରାଜ୍ୟ କୁସ୍ତି ପ୍ରତିଯୋଗୀଙ୍କ ସହିତ ସମ୍ବଲପୁରରୁ ରାଜସ୍ଥାନର କୋଟା ଯାତ୍ରା କରିଛନ୍ତି। ସେଠାରେ ଜୁନିଅର ବିଭାଗରେ ଜାତୀୟ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁରର ଖେଳାଳୀ ଅଂଶଗ୍ରହଣ କରିବେ। ମନୋନୀତ ଦୁଇ ଖେଳାଳୀଙ୍କ ସହିତ ସମୀର ବିଶ୍ୱାଳ ସମ୍ବଲପୁର କୁସ୍ତି ପ୍ରଶିକ୍ଷକ ଓ ଶାନ୍ତି ଗୋପ ପ୍ରୋତ୍ସାହନ କରିବା ପାଇଁ ରାଜସ୍ଥାନ ଗ୍ରସ୍ତ କରିଛନ୍ତି।

# ବିସିସିଆଇ ବାହାର କରିବା ପରେ କେକେଆର୍ ସହ ଯୋଡ଼ି ହେଲେ ନାୟର

**କେକେଆର ଫ୍ରାଞ୍ଚାଇଜ ସୋସିଆଲ ମିଡ଼ିଆ ପୋଷ୍ଟ ମାଧ୍ୟମରେ ଅଭିଷେକ ନାୟରଙ୍କୁ ନିଜ କୋଚିଂ ଷ୍ଟାଫରେ ସାମିଲ କରିବାକୁ ଘୋଷଣା କରିଛନ୍ତି। ମାତ୍ର ଡିଫେଡିଂ ଚାମ୍ପିୟନ୍ସ କେକେଆରର ଟିମ୍ ଏଥିରେ ଏହି ସ୍ପଷ୍ଟ କରି ନାହିଁ କି ସେ କୋଚିଂ ଷ୍ଟାଫରେ କ'ଣ ଭୂମିକା ନିଭାଇବେ।**

**ମୁମ୍ବାଇ, ୧୯।୪ :** ଗମ୍ଭୀରଙ୍କ କୋଚିଂ ଷ୍ଟାଫ୍ ବିରୋଧରେ ନିକଟରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତିନି ଜଣ ଅଭିଜ୍ଞଙ୍କୁ ବାହାର କରିଛି। ଏଥିରେ ଟିମ୍ ଇଣ୍ଡିଆର ଆସିଷ୍ଟାଣ୍ଟ କୋଚ୍ ଅଭିଷେକ ନାୟର ବି ସାମିଲ ଥିଲେ। ମାତ୍ର ଏହାକୁ ନେଇ ବୋର୍ଡ଼ ତରଫରୁ ଏବେ ପର୍ଯ୍ୟନ୍ତ କୌଣସି ଅଫିସିଆଲ୍ ବୟାନ ଜାରି କରାଯାଇନାହିଁ। କିନ୍ତୁ ଏହି ଖବର ଅଛି କି ଅଭିଷେକ ନାୟର ଆଇପିଏଲ୍ ୨୦୨୫ମଧ୍ୟରେ କେକେଆର ଫ୍ରାଞ୍ଚାଇଜ୍ ସହ ଯୋଡ଼ି ହୋଇଯାଇଛନ୍ତି। କେକେଆର ସୋସିଆଲ ମିଡ଼ିଆ ପୋଷ୍ଟ ଜରିଆରେ ଏହାର ସୂଚନା ଦେଇଛି।

ଅଭିଷେକ ନାୟରଙ୍କ କୋଲକାତା ନାଇଟ ରାଇଡର୍ସରେ ଘର ବାହୁଡ଼ା ହୋଇଯାଇଛି। କେକେଆର ଫ୍ରାଞ୍ଚାଇଜ ସୋସିଆଲ ମିଡ଼ିଆ ପୋଷ୍ଟ ମାଧ୍ୟମରେ ଅଭିଷେକ ନାୟରଙ୍କୁ ନିଜ କୋଚିଂ ଷ୍ଟାଫରେ ସାମିଲ କରିବାକୁ ଘୋଷଣା କରିଛନ୍ତି। ମାତ୍ର ଡିଫେଡିଂ ଚାମ୍ପିୟନ୍ସ କେକେଆରର ଟିମ୍ ଏଥିରେ ଏହି ସ୍ପଷ୍ଟ କରି ନାହିଁ କି ସେ କୋଚିଂ ଷ୍ଟାଫରେ କ'ଣ ଭୂମିକା ନିଭାଇବେ। ପ୍ରକାଶ ଯେ, ନାୟର ଟିମ୍ ଇଣ୍ଡିଆର କୋଚିଂ ଷ୍ଟାଫ୍ ସହ ଯୋଡ଼ି ହେବା ପୂର୍ବରୁ ୨୦୨୪ ଆଇପିଏଲ୍ ସିଜନ ସମୟରେ କେକେଆର ଫ୍ରାଞ୍ଚାଇଜର ଭାଗିଦାରୀ ଥିଲେ, ଯେତେବେଳେ ଟିମ୍ ନିଜର ତୃତୀୟ ଆଇପିଏଲ୍ ତାଜ୍ ଜିତିଥିଲା।



ନିକଟରେ ଅଭିଷେକ ନାୟରଙ୍କୁ ଭାରତୀୟ ପୁରୁଷ କ୍ରିକେଟ ଟିମର ଆସିଷ୍ଟାଣ୍ଟ କୋଚ୍ ପଦରୁ ହଟାଇ ଦିଆଯାଇଥିଲା। ତାଙ୍କ ବ୍ୟତୀତ ଫିଲ୍ଡିଂ କୋଚ୍ ଟି.ଦିଲୀପଙ୍କୁ ବି ବାହାର କରିଦିଆଯାଇଥିଲା। ନାୟର ୨୦୨୪ରେ ଟିମରେ ସାମିଲ ହୋଇଥିଲେ। ଯେତେବେଳେ ଗୌତମ ଗମ୍ଭୀର ରାହୁଲ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମୁଖ୍ୟ କୋଚ୍ ପଦ ସମ୍ଭାଳି ଥିଲେ। ମାତ୍ର ବିସିସିଆଇ ଏବେ ପର୍ଯ୍ୟନ୍ତ ଟିମର କୋଚିଂ ଷ୍ଟାଫକୁ ନେଇ ନିଆଯାଇଥିବା ନିଷ୍ପତ୍ତିକୁ ନେଇ କିଛି କହିନାହିଁ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar